RNI No.ODIODI/2010/33031
୧୭ ବର୍ଷ Volume-17
ISSUE -221 ସଂଖ୍ୟା-୨୨୧
ଭୁବନେଶ୍ୱର, ଗୁରୁବାର ୧୯ ନଭେମ୍ବର ୨୦୨୬
Bhubaneswar, Thursday 19 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଓଡ଼ିଶାମୁହାଁ ବାତ୍ୟା 'ଅକଭାନ'

ଭୁବନେଶ୍ୱର, ୧୮।୧୧(ନି.ପ୍ର.): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଅକଭାନ' ଏବେ ଭୀଷଣ ବାତ୍ୟା ବା ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମର ରୂପ ନେଇ ଦ୍ରୁତ ଗତିରେ ଓଡ଼ିଶାମୁହାଁ ହୋଇଛି। ଆସନ୍ତା ୨୦ ତାରିଖ ମଧ୍ୟାହ୍ନ ସୁଦ୍ଧା ଏହା ଉତ୍ତର ଆନ୍ଧ୍ରପ୍ରଦେଶର ନରସାପୁର ଓ ଓଡ଼ିଶାର ପୁରୀ ମଧ୍ୟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବାବେଳେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି ରହିବା ସହ ୫ଟକା ପବନ ୧୧୦ କିମି ପର୍ଯ୍ୟନ୍ତ ବୋହିପାରେ। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ରାଜ୍ୟର ୬ଟି ଜିଲ୍ଲାରେ ଅତ୍ୟଧିକ ବର୍ଷା ଆଶଙ୍କା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ 'ରେଡ୍ ୱାର୍ଣ୍ଣିଂ' ଜାରି କରାଯାଇଛି। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜିରୋ କାଜୁଆଲିଟି ଲକ୍ଷ୍ୟ ନେଇ ପ୍ରଶାସନିକ ଓ ରିଲିଫ୍ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ଭିତ୍ତିରେ ଜୋରଦାର କରାଯାଇଛି। ୪ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ପୁରୀ,ଜଗତସିଂପୁର,କେନ୍ଦ୍ରାପଡ଼ା ଓ ଗଜପତିକୁ ପଠାଯାଇଛି। ଖୋର୍ଦ୍ଧା ସମେତ ବିଭିନ୍ନ ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଦିଆଯାଇଛି।

ଭରତୀୟ ପାଣିପାଗ ବିଭାଗ(ଆଇଏମଡି)ର ସୂଚନା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା 'ଅକଭାନ' ନିଜର ଗତିପଥ ବଦଳାଇ ଓଡ଼ିଶା ମୁହାଁ ହୋଇଛି। ଏହା ଏବେ ଗୋପାଳପୁର ଠାରୁ ୬୯୦ କିମି ଓ ପୁରୀ ଠାରୁ ୭୫୦ କିମି ଦକ୍ଷିଣରେ କେନ୍ଦ୍ରୀଭୂତ ହୋଇ ଘଣ୍ଟାପ୍ରତି ୮ କିମି ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଏହାର ପ୍ରଭାବରେ ଆସନ୍ତା ୧୯ ତାରିଖ ସକାଳ ସାଢେ ୮ଟାରୁ ୨୦ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ପୁରୀ, ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟଧିକ ବର୍ଷା (୨୦୦ ମିଲିମିଟରରୁ ଅଧିକ) ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ୬ଟି ଜିଲ୍ଲାକୁ 'ରେଡ୍ ୱାର୍ଣ୍ଣିଂ' ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ 'ଅରେଞ୍ଜ ୱାର୍ଣ୍ଣିଂ' ଓ ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ବୌଦ୍ଧ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ପାଇଁ 'ୟେଲୋ ୱାର୍ଣ୍ଣିଂ' ଜାରି ହୋଇଛି। ପରବର୍ତ୍ତୀ ୨୪ ଘଣ୍ଟା ଅର୍ଥାତ୍ ୨୦ ତାରିଖ ସକାଳରୁ ୨୧ ତାରିଖ ସକାଳ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ସ୍ଥଳଭାଗ ଛୁଇଁବାବେଳେ ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ତଳିଆ ଅଂଚଳରେ ସମୁଦ୍ର ଜୁଆର ୦.୫ରୁ ୧.୦ ମିଟର ପର୍ଯ୍ୟନ୍ତ ଉଚ୍ଚରେ ମାଡ଼ି ଆସିବାର ଆଶଙ୍କା ରହିଛି। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ୨୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବାକୁ କଡ଼ା ବାରଣ କରାଯିବା ସହ ରାଜ୍ୟର ସମସ୍ତ ବନ୍ଦରରେ ୨ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି।ବାତ୍ୟା 'ଅକଭାନ'ର ପ୍ରସ୍ତୁତିର ଆଜି ଉଚ୍ଚସ୍ତରୀୟ ସମୀକ୍ଷା କରିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ପାଣିପାଗ ବିଭାଗର ଆକଳନରେ ପରିବର୍ତ୍ତନ ପରେ ସମ୍ଭାବ୍ୟ ବଡ଼ ବିପଦର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ ଅଛନ୍ତି। କେନ୍ଦ୍ର ସରକାର ଓ ଜିଲ୍ଲା ପ୍ରଶାସନ ସହ ମୁଖ୍ୟ ସଚିବ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ନିରନ୍ତର ଯୋଗାଯୋଗରେ ଅଛନ୍ତି। ପ୍ରଭାବିତ ହେବାକୁ ଥିବା ଜିଲ୍ଲାଗୁଡ଼ିକରେ ଏନଡିଆରଏଫ, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମୁତୟନ ହୋଇସାରିଛନ୍ତି। ଗଞ୍ଜାମ, ଗଜପତି ଓ କନ୍ଧମାଳର ପାହାଡ଼ିଆ ଅଂଚଳରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି। ଏପଟେ ସମ୍ଭାବ୍ୟ ବାତ୍ୟା ପରିଚାଳନା, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ ପାଇଁ ୪ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକୁ ପଠାଯାଇଛି। ପୁରୀ ଜିଲ୍ଲା ପାଇଁ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ, ଜଗତସିଂହପୁର ପାଇଁ ବାଣିଜ୍ୟ କର ଓ ଜିଏସଟି କମିଶନର ଯାମିନୀ ଷଡ଼ଙ୍ଗୀ, ଗଜପତି ପାଇଁ ମିଶନ ଶକ୍ତି ସଚିବ ମାନସୀ ନିୟାଲ ଓ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଆଇଏଏସ୍ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଏହାସହ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରତୁରାଜ ଆଜିଠାରୁ ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହ ବିନା ଅନୁମତିରେ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି।





ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୧୮।୧୧(ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ଅକ୍?ଭାନ୍?'ର ମୁକାବିଲା ଏବଂ ଏହାର ପ୍ରସ୍ତୁତିକୁ ନେଇ ଆଜି ରାତିରେ ରାଜ୍ୟ ଏସ୍?ଆର୍?ସି କଣ୍ଟ୍ରୋଲ ରୁମ୍?ଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଅଧ୍ୟକ୍ଷତା କରି ସମଗ୍ର ସ୍ଥିତିର ସମୀକ୍ଷା କରିଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଉପସ୍ଥିତ ଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଏହାର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରତିଥର ଭଳି ଏଥର ମଧ୍ୟ ଆମର ଲକ୍ଷ୍ୟ ହେଉଛି 'ଜିରୋ କାଜୁଆଲଟି'।

ଲାକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି। ବିଶେଷକରି ପାହାଡ଼ ତଳି ଅଞ୍ଚଳରେ ଥିବା ସବୁ ଲୋକଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରେଡ ୱାର୍ଣ୍ଣିଂ ଥିବା ଜିଲ୍ଲାଗୁଡ଼ିକରୁ ୪୭ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇସାରିଛି। ଗଞ୍ଜାମରେ ସର୍ବାଧିକ ୨୫ ହଜାର ଲୋକ ସ୍ଥାନାନ୍ତରିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଉଦ୍ଧାର ଓ ରିଲିଫ୍? କାର୍ଯ୍ୟ ପରିଚାଳନା ପାଇଁ ଆଗୁଆ ପାଣ୍ଠି ଯୋଗାଇ ଦିଆଯାଇଛି। ସାତଜଣ ବରିଷ୍ଠ ଆଇଏଏସ୍? ଅଧିକାରୀଙ୍କୁ ସାତଟି ଜିଲ୍ଲାରେ ପ୍ରସ୍ତୁତି, ରିଲିଫ୍ ଓ ଥଇଥାନ କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ବାତ୍ୟା ପରିସ୍ଥିତିରେ ତତ୍ଷଣାତ୍ ମରାମତି କାର୍ଯ୍ୟ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ପ୍ରସ୍ତୁତ ଅଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିସନର ଡି. କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦ଟି ଜିଲ୍ଲାର ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

୮ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର,୧୮।୧୧(ନି.ପ୍ର.): ଓଡ଼ିଶା ମୁହାଁ ହେଉଛି ବାତ୍ୟା ଅକଓ୍ୱନ। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ତା' ସହିତ ପବନ ହେବ। ଏହାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟର ୮ଟି ଜିଲ୍ଲାରେ ଆସନ୍ତା ଦୁଇ/ତିନି ଦିନ ପାଇଁ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଗତକାଲି ମାଲକାନଗିରି ଜିଲ୍ଲାରେ ୧୯ ଓ ୨୦ ତାରିଖ ପାଇଁ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଥିବା ବେଳେ ଆଜି ଆଉ ୭ ଜିଲ୍ଲାରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ ଓ ଖୋର୍ଦ୍ଧା ଜିଲ୍ଲାରେ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି।

ବାତ୍ୟା 'ଅକଓ୍ୱନ'କୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାକୁ ଆସନ୍ତାକାଲି ରେଡ୍ ୱାର୍ଣ୍ଣିଂ ଓ ଶୁକ୍ରବାର ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଶୁକ୍ରବାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଦୁଇ ଦିନ (ନଭେମ୍ବର ୧୯ ଓ ୨୦) ଛୁଟି ଘୋଷଣା କରାଯାଇଛି। ଏନେଇ ଜିଲ୍ଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେ ୧୯ ଓ ୨୦ ତାରିଖରେ ଜିଲ୍ଲାର ସମସ୍ତ ଆଙ୍ଗନବାଡ଼ିକେନ୍ଦ୍ର ବନ୍ଦ ରହିବ। ସେହିପରି ପ୍ରଥମ ଶ୍ରେଣୀରୁ ଧରି ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ। ଏହା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ ପାଇଁ ଲାଗୁ ହେବ। ସେହିପରି ଜିଲ୍ଲାର ସମସ୍ତ ଡିଗ୍ରୀ କଲେଜ, ବୈଷୟିକ ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟ ଏହି ଦୁଇ ଦିନ ଛୁଟି ରହିବ। ତେବେ ଶିକ୍ଷକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିବେ।

୨୪୧୫୦କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆଗତ

ଭୁବନେଶ୍ୱର, ୧୮।୧୧(ନି.ପ୍ର.): ବିରୋଧୀ ସଦସ୍ୟମାନଙ୍କ ପ୍ରବଳ ହଟ୍ଟଗୋଳ ଓ ପ୍ରତିବାଦ ମଧ୍ୟରେ ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୨୪୧୫୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଆଜିଠୁ ଆରମ୍ଭ ହୋଇଥିବା ବିଧାନସଭାର ୩୩ଦିନିଆ ଶୀତ ଅଧିବେଶନର ପ୍ରଥମାର୍ଦ୍ଧରେ ଶୋକପ୍ରସ୍ତାବ ପାରିତ ହେବାପରେ ଗୃହ କାର୍ଯ୍ୟ ସମ୍ଭବପର ହୋଇନଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଭିତରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି।

ଗୃହରେ ପ୍ରବଳ ହଟ୍ଟଗୋଳ

ବିରୋଧୀ କଂଗ୍ରେସ ସଦସ୍ୟମାନେ କୋଟିଆ ପ୍ରସଙ୍ଗ ଓ ବିଜେଡି ସଦସ୍ୟମାନେ ଗଞ୍ଜାମ ବନ୍ୟା ମୁକାବିଲାରେ ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରି ପ୍ରବଳ ହଟ୍ଟଗୋଳ ସହ ଗୃହରେ ଅଚଳାବସ୍ଥା ଜାରି ରଖିଛନ୍ତି। ଦ୍ୱିତୀୟାର୍ଦ୍ଧରେ ଅପରାହ୍ନ ୪ଟାରେ ଡଃୟସ୍ୱସ୍ଥଷ୍ଠ ଇସ୍ଥସ୍ଥରଞ୍ଜଭଃଷ୍ଠ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଓ ବିଜେଡି ସଦସ୍ୟମାନଙ୍କ ପ୍ଲାକାର୍ଡ ପ୍ରଦର୍ଶନମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ଓ ଅପରାହ୍ନ ୪ଟା ୭ ମିନିଟରେ ବାଚସ୍ପତି ସୁରମା ପାଢ଼ୀ ଗୃହ କାର୍ଯ୍ୟକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପସ୍ଥାପନ କରିଥିବା ମୋଟ ୨୪୧୫୦କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ ମଧ୍ୟରୁ ସର୍ବାଧିକ ୭୪.୫ % ଅର୍ଥାତ୍ ୧୭୯୯୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଆବଣ୍ଟନ କରାଯାଇଛି। ସେହିପରି ବିପର୍ଯ୍ୟୟ ମୁକାବିଲା ପାଣ୍ଠି ପାଇଁ ୫୧୦୦କୋଟି ଟଙ୍କା((୨୧.୧%) ଓ ପ୍ରଶାସନିକ ଖର୍ଚ୍ଚ ପାଇଁ ୪.୪ % ଅର୍ଥାତ୍ ୧୦୬୦ କୋଟି ଟଙ୍କା(୪.୪%)ର ବ୍ୟବସ୍ଥା ରହିଛି। କ୍ଷେତ୍ରୀୟ ଆବଣ୍ଟନ ଦୃଷ୍ଟିରୁ ଅର୍ଥନୈତିକ ସେବା କ୍ଷେତ୍ର ପାଇଁ ୧୩୩୪୮ କୋଟି ଟଙ୍କା, ସାମାଜିକ ସେବା ପାଇଁ ୯୮୬୮ କୋଟି ଟଙ୍କା ଓ ସାଧାରଣ ସେବା ପାଇଁ ୯୦୮ କୋଟି ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମ ଖର୍ଚ୍ଚ ମଧ୍ୟରୁ ରାଜ୍ୟସ୍ତରୀୟ ଯୋଜନା ପାଇଁ ୧୪୨୨୮ କୋଟି ଟଙ୍କା, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ୩,୪୪୨ କୋଟି ଟଙ୍କା ଓ କେନ୍ଦ୍ରୀୟ ଯୋଜନା ପାଇଁ ୩୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିସହିତ ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ମୋଟ ୬୪୪୮ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯେଉଁଥିରେ ଆଦିବାସୀ ଅଂଚଳ ଉପଯୋଜନା ପାଇଁ ୩୭୬୫ କୋଟି ଓ ଅନୁସୂଚିତ ଜାତି ଉପଯୋଜନା ପାଇଁ ୨୬୪୬ କୋଟି ଟଙ୍କା ସାମିଲ ରହିଛି।

ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଫେବୃଆରୀ ମାସରେ ଉପସ୍ଥାପିତ ହୋଇଥିବା ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ମୂଳ ବଜେଟ୍ ତୁଳନାରେ ଏହି ଅତିରିକ୍ତ ବ୍ୟୟବରାଦ ୨୪୧୫୦କୋଟି ଟଙ୍କା (ପ୍ରାୟ ୭.୭୯ ପ୍ରତିଶତ) ରହିଛି। ଆଗାମୀ ୨୦୨୭ ମାର୍ଚ୍ଚ-ଏପ୍ରିଲ ମାସରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟବାସୀଙ୍କ ମନ ଜିଣିବା ପାଇଁ ମୋହନ ସରକାର ଏହି ବଜେଟରେ ଗ୍ରାମାଂଚଳରୁ ଆରମ୍ଭ କରି ସହରାଂଚଳ ପର୍ଯ୍ୟନ୍ତ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସରକାର ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପ୍ରଶମନ, ମହିଳା ସଶକ୍ତିକରଣ, କୃଷକ କଲ୍ୟାଣ ଓ ଭିତ୍ତିଭୂମି ବିକାଶ ଉପରେ ବିଶେଷଭାବେ ଫୋକସ୍ କରିଛନ୍ତି।



ଏହି ଅତିରିକ୍ତ ବ୍ୟୟବରାଦ ମାଧ୍ୟମରେ ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ମୋଟ ୧୨୪୭ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି। ଏଥିରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୬୯୭ କୋଟି ଟଙ୍କା ଓ ସରକାରଙ୍କ ପ୍ରମୁଖ ଯୋଜନା ସୁଭଦ୍ରା ପାଇଁ ଅତିରିକ୍ତ ୫୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧,୬୦୭ କୋଟି ଟଙ୍କା (ବିଭିନ୍ନ ଯୋଜନା ମିଶାଇ କୃଷକ କଲ୍ୟାଣ ବାବଦକୁ ପ୍ରାୟ ୧,୬୭୩ କୋଟି ଟଙ୍କା) ବ୍ୟୟବରାଦ ହୋଇଛି। ଏଥିରେ ସମୃଦ୍ଧ କୃଷକ ଯୋଜନାରେ ରିହାତି ପାଇଁ ୩୮୦ କୋଟି, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନାରେ କୁକୁଡ଼ା ଚାଷ ବିକାଶ ପାଇଁ ୨୦୭ କୋଟି, ଶ୍ରୀଅନ୍ନ ଅଭିଯାନ ପାଇଁ ୧୨୦ କୋଟି, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ପାଇଁ ୧୦୧ କୋଟି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ୯୦ କୋଟି ଏବଂ ସମବାୟ ବ୍ୟାଙ୍କ ଓ ପ୍ୟାକ୍ସ ଜରିଆରେ ଫସଲ ଋଣ ସୁଧ ରିହାତି ପାଇଁ ୭୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ବୟସ୍କ, ଭିନ୍ନକ୍ଷମ ଓ ବିଧବା ଭୋଟରଙ୍କୁ ଆର୍ଥସ୍ତି ଦେବା ପାଇଁ ୭୩୩ କୋଟି ଟଙ୍କା ରଖାଯାଇଛି, ଯେଉଁଥିରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୪୩୯ କୋଟି, ଜାତୀୟ ଭିନ୍ନକ୍ଷମ ପେନସନ ପାଇଁ ୧୭୫ କୋଟି, ଜାତୀୟ ବିଧବା ପେନସନ ପାଇଁ ୧୧୫ କୋଟି ଓ ମଧୁବାବୁ ପେନସନ ଯୋଜନା ପାଇଁ ୫୮ କୋଟି ଟଙ୍କା ଆବଂଟନ ହୋଇଛି।ସେହିପରି ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇ ସରକାର ମୋଟ ୧୭୧୫ କୋଟି ଟଙ୍କା,ଭିତ୍ତିଭୂମି ବିକାଶ, ସହରାଂଚଳ ଉନ୍ନୟନ ଓ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ନିମନ୍ତେ ୨୩୫୯ କୋଟି ଟଙ୍କା,ଶିଳ୍ପ ଓ ଏମଏସଏମଇ କ୍ଷେତ୍ର ପାଇଁ ୮୪୩ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।ମୂଳ ବଜେଟ୍ ତୁଳନାରେ କେଉଁ ବିଭାଗକୁ ଅତିରିକ୍ତ ବଜେଟରେ ସର୍ବାଧିକ ଗୁରୁତ୍ୱ ମିଳିଛ



ଶ୍ରୀ ଗୋବର୍ଦ୍ଧନ ଗୋ ସେବା ନିଳୟ ରେ ଗୋପାଷ୍ଟମୀ ପାଳିତ

କୁକୁଡାଖଣ୍ଡି ,୧୭।୧୧ :(ମନ୍ଥନ)ମଙ୍ଗଳବାର, ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ,ଲାଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ ଭଗବାନପୁର ସ୍ଥିତ ଶ୍ରୀ ଗୋବର୍ଦ୍ଧନ ଗୋ ସେବା ନିଳୟ ଠାରେ ପବିତ୍ର ଗୋପାଷ୍ଟମୀ ପାଳିତ ହୋଇଯାଇଛି । ପ୍ରାତଃ ବିଧି ପୂର୍ବକ ଗୋମାତା ମାନଙ୍କୁ ସ୍ନାନ, ନୂତନ ବସ୍ତ୍ର ସହ ଚନ୍ଦନ, ହଳଦୀ, ସିନ୍ଦୁର, କୁଙ୍କୁମ ରେ ସଜ୍ଜିତ କରାଯାଇଥିଲା ଏବଂ ପୁରୋହିତ ଙ୍କ ଦ୍ୱାରା ଗୋ ପୂଜନ, ଆରତୀ, ଗ୍ରାସ ଓ ପ୍ରଦୀକ୍ଷିଣ କରାଯାଇଥିଲା । କାର୍ଯ୍ୟକ୍ରମ ରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହନ୍ତ ଚନ୍ଦ୍ରୟା ନନ୍ଦ ମହାରାଜ,କୁକୁଡାଖଣ୍ଡ ସାଂସଦ ପ୍ରତନଧି



ସନ୍ତୋଷ ଚୌଧୁରୀ, ଲଳିତ ବିଷୋୟୀ, ଏ. ନନ୍ଦ କିଶୋର,ଏ. ବାବୁଲା ପାତ୍ର, ରଜତ ବିଷୋୟୀ, ଗୋବିନ୍ଦ ବିଷୋୟୀ ପ୍ରମୁଖ ଯୋଗଦେଇ ଥିଲେ । ଅତିଥି ମାନଙ୍କ ଦ୍ୱାରା ଅନୁଷ୍ଠାନ ତରଫରୁ ଗୋ ମାତାଙ୍କ ଜୀବନ ବ୍ୟାପି ସେବା ନିମନ୍ତେ ଦକ୍ଷିଣପୁର ପ୍ରାଣୀ ଧନ ନିରୀକ୍ଷକ ଶ୍ରୀ ମନୋଜ କୁମାର ଜେନାଙ୍କୁ ଗୋ ସେବା ରତ୍ନ ସଂମ୍ମାନ ରେ ସଂମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ନଳିନୀକାନ୍ତ ପରିଡା, ସାଗର କୁମାର ପାତ୍ର, ଧର୍ମରାଜ ପାତ୍ର,ଶ୍ରୀକାନ୍ତ ମହାନ୍ତି, ଜିତେନ୍ଦ୍ର ପଣ୍ଡା,ରଞ୍ଜନ ବେହେରା, ବିଜେନ୍ଦ୍ର ମାଝୀ,ପି. ଅରବିନ୍ଦ ଦେଶୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ରାୟଗଡ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ରାୟଗଡ,୧୭।୧୧ :(ମନ୍ଥନ) ସମ୍ଭାବ୍ୟ ବାତ୍ୟା ଏବଂ ଏହାର ପ୍ରଭାବରେ ସୃଷ୍ଟି ହୋଇପାରୁଥିବା ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ପରିସ୍ଥିତିର ମୁକାବିଲା ନିମନ୍ତେ ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଓ ପ୍ରତିକ୍ଷେଧକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ପରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ପ୍ରେସ୍ ବ୍ରିଫିଂ ମାଧ୍ୟମରେ ସାମ୍ବାଦିକମାନଙ୍କୁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ।ଜିଲ୍ଲାରେ ୧୪୮ଟି ବନ୍ୟା ପ୍ରବଣ ଅଞ୍ଚଳ ଏବଂ ୫୫ଟି ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇଛି । ଏହି ଅଞ୍ଚଳଗୁଡ଼ିକରେ ରହୁଥିବା ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ମୋଟ ୯୧୦୭ ଜଣଙ୍କୁ ଆବଶ୍ୟକତା ଅନୁଯାୟୀ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ରହିଛି । ବିଶେଷକରି ପାହାଡ଼ିଆ ଅଞ୍ଚଳ, ଭୂସ୍ଖଳନ ଆଶଙ୍କା ଥିବା ଜନବସତି ଓ ନଦୀ ନିକଟବର୍ତ୍ତୀ ବିପଦସଂକୁଳ ଅଞ୍ଚଳରେ ନିୟମିତ ନଜର ରଖିବା ସହ ବିପଦ ଆଶଙ୍କା ଥିବା ଜନବସତିରୁ ଲୋକଙ୍କୁ ଆଗୁଆ ସ୍ଥାନାନ୍ତରଣ କରିବାକୁ ସମସ୍ତ ବିଡିଓ ଓ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ଜିଲ୍ଲାରେ ୩ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଏବଂ ୧୩୧ଟି ଅସ୍ଥାୟୀ



ସୁରକ୍ଷିତ ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି। ସମ୍ଭାବ୍ୟ ବିପଦ ସମୟରେ ଲୋକଙ୍କୁ ଏହି ଆଶ୍ରୟସ୍ଥଳୀଗୁଡ଼ିକରେ ସୁରକ୍ଷିତ ଭାବେ ରଖିବା ସହ ଆବଶ୍ୟକ ଖାଦ୍ୟ, ପାନୀୟ ଜଳ, ଆଲୋକ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବା ପାଇଁ ପ୍ରସ୍ତୁତି ରଖାଯାଇଛିମହିଳା ଓ ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜିଲ୍ଲାରେ ୨୧୦ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ମା' ଗୃହ ଓ ହସ୍ପିଟାଲକୁ ଆଗୁଆ ସ୍ଥାନାନ୍ତରଣ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି। ଏଥିସହ ପ୍ରସୂତି ଓ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ସୁରକ୍ଷା, ପୁଷ୍ଟିକର ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ସମାଜ ମଙ୍ଗଳ ଓ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଏଥିସହ ଆଶା, ଏଏନ୍?ଏମ୍ ଓ ଅଙ୍ଗନବାଡ଼ି କର୍ମୀମାନେ ନିରନ୍ତର ଯୋଗାଯୋଗରେ ରହି ସମ୍ପୃକ୍ତ ମହିଳାମାନଙ୍କ ଯତ୍ନ ନେବାକୁ ନିର୍ଦ୍ଦେଶ ରହିଛି।ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲାରେ ୯ ଜଣ ନୋଡାଲ ଅଧିକାରୀଙ୍କୁ ନିଯୋଜିତ କରାଯାଇଛି। ଗୁଣପୁରଠାରେ ୩ଟି ଓଡ୍ରାଫ୍ (ଟିମ୍ ଏବଂ ରାୟଗଡଠାରେ ୧ଟି ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ରହିବେ। ଏଥିସହ ୧୧ଟି ଅଗ୍ନିଶମ ଟିମ୍‌କୁ ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରଖାଯାଇଛି ।ଅଗ୍ନିଶମ ବିଭାଗକୁ ଭୂସ୍ଖଳନ, ବନ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇପାରୁଥିବା ଜରୁରୀ ପରିସ୍ଥିତିରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା, ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରିବା, ରାସ୍ତା ଉପରେ ଉପୁଡ଼ି ପଡ଼ିଥିବା ଗଛ ହଟାଇବା ଓ ଆବଶ୍ୟକସ୍ଥଳେ ଅନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କୁହାଯାଇଛି ।ଏଥିସହ ଗୁଣପୁର, ଗୁଡାରୀ ଓ କେ. ସିଂହପୁର ଅଞ୍ଚଳରେ ୩ଟି ୪ଜଉ ବୋଟ୍ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ରାସ୍ତା ଯୋଗାଯୋଗ ସ୍ୱାଭାବିକ କରିବା ନିମନ୍ତେ ବିଭିନ୍ନ ରଣନୀତିକ ସ୍ଥାନରେ ୪୫ଟି ଜେସିବି ଏବଂ ୨ଟି ହାଇଡ୍ରା କ୍ରେନ୍ ମୁତୟନ କରିବାର ବ୍ୟବସ୍ଥା କରାଯାଇଛି ।ଜନସାଧାରଣଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଓ ଜରୁରୀ ପରିସ୍ଥିତିରେ ସମନ୍ୱୟ ରକ୍ଷା କରିବା ନିମନ୍ତେ ସବ୍?ଡିଭିଜନ୍, ବ୍ଲକ୍, ତହସିଲ୍, ଞଚଝଡଉଖ ଓ ଅଗ୍ନିଶମ ବିଭାଗ ସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଜିଲ୍ଲାସ୍ତରରେ ମଧ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରହିଛି।ଜିଲ୍ଲାରେ ରିଲିଫ୍ ସାମଗ୍ରୀ ଭାବେ ୧୫୩.୫୭ କ୍ୱିଣ୍ଟାଲ ଚୁଡ଼ା, ୧୦୭.୬୦ କ୍ୱିଣ୍ଟାଲ ଗୁଡ଼, ୨୦,୯୪୦ ପ୍ୟାକେଟ୍ ବିସ୍କୁଟ୍, ୮,୪୯୦ ପ୍ୟାକେଟ୍ ମହମବତୀ, ୫,୫୪୬ ପ୍ୟାକେଟ୍ ଦିଆସିଲି, ୮,୦୭୯ ଲିଟର କିରୋସିନ୍ ତେଲ ଏବଂ ୫୯,୧୩୨.୪୫ କ୍ୱିଣ୍ଟାଲ ଚାଉଳ ମହଜୁଦ ରହିଛି। ଆବଶ୍ୟକତା ଅନୁଯାୟୀ ଏହି ସାମଗ୍ରୀଗୁଡ଼ିକୁ ବିପଦପ୍ରବଣ ଅଞ୍ଚଳ ଓ ଆଶ୍ରୟସ୍ଥଳୀଗୁଡ଼ିକରେ ଉପଲବ୍ଧ କରାଇବା ପାଇଁ ପ୍ରସ୍ତୁତି ରହିଛି।ଜିଲ୍ଲାର ବଡ଼ନାଳା ଜଳସେଚନ ଜଳଭଣ୍ଡାର (କେନ୍ଦୁଗୁଡ଼ା)ର ଜଳସ୍ତର ୬୯ ପ୍ରତିଶତ ଏବଂ ହରଭଙ୍ଗୀ ଜଳସେଚନ ଜଳଭଣ୍ଡାରର ଜଳସ୍ତର ୭୯ ପ୍ରତିଶତ ରହିଛି। ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗକୁ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଓ ସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ କୁହାଯାଇଛି ।ସମ୍ଭାବ୍ୟ ବର୍ଷା ଓ ପବନ ଯୋଗୁଁ ଚାଷୀମାନଙ୍କ ଅମଳ ଫସଲ ନଷ୍ଟ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଧାନ, କପା ଓ ଅନ୍ୟାନ୍ୟ କୃଷିଜାତ ଫସଲକୁ ଶୁଖିଲା, ଉଚ୍ଚ ଓ ସୁରକ୍ଷିତ ସ୍ଥାନରେ ଗଚ୍ଛିତ ରଖିବା ସହ ଆବଶ୍ୟକସ୍ଥଳେ ଜଳରୋଧୀ ଆବରଣରେ ଘୋଡ଼ାଇ ରଖିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି । ଏନେଇ କୃଷି ବିଭାଗକୁ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି ।

ବଲାଙ୍ଗୀର:ହାଟପଦା ସ୍ଥିତ ପୁରୁଣା ଗୋରୁ ବଜାର ମା ମେଟାକାନି ମନ୍ଦିର ପ୍ରାଙ୍ଗଣରେ ଦ୍ୱାଦଶ ଚବିଶ ପ୍ରହରୀ ନାମଯଜ୍ଞ

ବଲାଙ୍ଗୀର,୧୭।୧୧ :(ମନ୍ଥନ) ଭଗବାନଙ୍କ ଅପାର କରୁଣାରୁ ଚଳିତ ବର୍ଷ କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ତାରିଖ ୨୦/୧୧/୨୦୨୬ ଶୁକ୍ରବାର ଠାରୁ ୨୪/୧୧/୨୦୨୬ ମଙ୍ଗଳବାର ପର୍ଯ୍ୟନ୍ତ ଚବିଶ ପ୍ରହରୀ ନାମଯଜ୍ଞ ହାଟପଡା ସ୍ଥିତ ପୁରୁଣା ଗୋରୁ ବଜାର ମା ମେଟାକାନି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି ଚବିଶ ପ୍ରହରୀ ନାମଯଜ୍ଞରେ ମା ମେଟାକାନି ମନ୍ଦିର ର କମିଟି ର ସଭାପତି ଲୋଟସ ଷଡ଼ଙ୍ଗୀ, ଉପସଭାପତି ବିଭୁଦତ୍ତ ଗୁରୁ, ସମ୍ପାଦକ ଜଗନ୍ନାଥ ମିଶ୍ର, ସହସମ୍ପାଦକ ସନତ ତ୍ରିପାଠୀ ଏବଂ ପଡାବାସୀ ଙ୍କ ନେତୃତ୍ୱ ରେ ଚବିଶ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ । କଳସ ଯାତ୍ରା ୨୦/୧୧/୨୦୨୬ ଶୁକ୍ରବାର ଅପରାହ୍ନ ୪:୦୦ ଘଣ୍ଟା ସମୟରେ ଅନୁଷ୍ଠିତ ହେବ । ଏଥିରେ ବହୁ ସଂଖ୍ୟା ରେ ପଡବାସୀ ଯୋଗଦାନ କରିବା ପାଇଁ କମିଟି ବୃନ୍ଦ ଅନୁରୋଧ କରିଛନ୍ତି । ସଭାପତି ଏବଂ ସମ୍ପାଦକ ଙ୍କ ନିର୍ଦ୍ଦେଶ ଅନୁସାରେ ଯାହା କାର୍ଯ୍ୟ ସୂଚୀ ଅଛି । ଦ୍ୱାଦଶ ବର୍ଷ ର ଚବିଶ ପ୍ରହରୀ ନାମଯଜ୍ଞ ୨୧/୧୧/୨୦୨୬ ଶନିବାର ଏକାଦଶୀ ସକାଳ ୯:୦୦ ଘଣ୍ଟା ସମୟରେ ନାମ ଆରମ୍ଭ ହୋଇ ୨୪/୧୧/୨୦୨୬ ମଙ୍ଗଳବାର ୯:୦୦ ଘଣ୍ଟା ସମୟରେ ପୂର୍ଣ୍ଣାହୁତି, ଦଧିହାଣ୍ଡି ଭଞ୍ଜନ, କଳସ ବିସର୍ଜନ ଦିବା ୧:୦୦ ଘଣ୍ଟା ସମୟରେ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଛି ।କମିଟି ତରଫରୁ ଆବାଳ ବୃଦ୍ଧ ବନିତା ଏବଂ ଶହ ଶହ ଭକ୍ତ ବୃନ୍ଦ ଯୋଗଦାନ କରିବା ପାଇଁ ଅନୁରୋଧ କରିଛନ୍ତି ।

ନବନିର୍ବାଚିତ ଓଷ୍ଟା ରାଜ୍ୟ ନେତୃବୃନ୍ଦଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବଲାଙ୍ଗୀର,୧୭।୧୧ :(ମନ୍ଥନ)ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ (ଓଷ୍ଟା),ବଲାଙ୍ଗୀର ଜୋନ୍ ପକ୍ଷରୁ ଭଗବାନ ବିଦ୍ୟା ମନ୍ଦିର,ଖୁଜେନପାଲିଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ବ୍ଲକ ସଭାପତି ସୁରେଶ କୁମାର ଷଡଙ୍ଗୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।ସଭାରେ ନବନିର୍ବାଚିତ ଓଷ୍ଟା ରାଜ୍ୟ ସମ୍ପାଦକ ଅନିଲ କୁମାର ସାହୁ ଏବଂ ରାଜ୍ୟ ସହ-ସମ୍ପାଦକ ସୁଶାନ୍ତ କୁମାର ଦାଶଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଓ ସ୍ମାରକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଶିକ୍ଷକ ସମାଜର ହକ୍ ଓ ସ୍ୱାର୍ଥର ସୁରକ୍ଷା ସହ ଶିକ୍ଷା ବ୍ୟବସ୍ଥାର ଉନ୍ନତି ଦିଗରେ ସଂଗଠନର ଭୂମିକାକୁ ଆହୁରି ସୁଦୃଢ଼ କରିବା ନେଇ ଏହି ଅବସରରେ ଆଶା ପ୍ରକାଶ କରାଯାଇଥିଲା ।ଅତିଥିମାନଙ୍କୁ ସ୍ୱାଗତ ଜଣାଇ ବଲାଙ୍ଗୀର ବ୍ଲକ ସମ୍ପାଦକ ସଞ୍ଜୟ କୁମାର ତ୍ରିପାଠୀ ଶିକ୍ଷକ ସମାଜ ପ୍ରତି ସେମାନଙ୍କ ଅବଦାନ ଏବଂ ସଂଗଠନ ପ୍ରତି ନିଷ୍ଠାପର କାର୍ଯ୍ୟଧାରାର ଉଚ୍ଚ ପ୍ରଶଂସା କରିଥିଲେ।ଶିକ୍ଷକ ଲଲାଟ କେଶରୀ ପଧାନ ସଭା ପରିଚାଳନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଓଷ୍ଟାର ରାଜ୍ୟ ପ୍ରାକ୍ତନ ଉପସଭାପତି ସୁଧୀର କୁମାର ନାଏକ,ଓଷ୍ଟା ବଲାଙ୍ଗୀର ଜିଲ୍ଲା ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର,ଜିଲ୍ଲା ଓଷ୍ଟା ଉପସଭାପତି ପ୍ରତିଭା ପାଣିଗ୍ରାହୀଙ୍କ ସମେତ ବିଭିନ୍ନ କାର୍ଯ୍ୟକର୍ତ୍ତା ଓ ବହୁ ସଂଖ୍ୟକ ଶିକ୍ଷକ,ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ।

ପିପିଲି ବ୍ଲକ ୨୨ ଓ ୨୪ ନମ୍ବର ଜୋନରେ ୧୫୫୩ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ପିପିଲି,୧୭।୧୧ :(ମନ୍ଥନ) ପିପିଲି ବ୍ଲକର ୨୨ ଓ ୨୪ ନମ୍ବର ଜିଲ୍ଲା ପରିଷଦ ଜୋନରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ମଙ୍ଗଳବାର ଆୟୋଜିତ ଏହି ଜୋନସ୍ତରୀୟ କାର୍ଯ୍ୟକ୍ରମରେ ପୁରୀ ହିତାଧିକାରୀଙ୍କୁ ପେନସନ ପ୍ରଦାନ କରାଯାଇଥିଲା । ଉଭୟ ଜୋନରେ ମୋଟ ୧୫୫୩ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ପିପିଲି ବିଡିଓ ସରୋଜ ରାଉତ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅତିଥିମାନେ ନୂତନ ପେନସନ ବଣ୍ଟନ ସମ୍ପର୍କରେ ମତବ୍ୟକ୍ତ କରି କହିଥିଲେ ଯେ, ଏଣିକି ପେନସନ ପାଇଁ ଟାର୍ଗେଟ୍ ଆସିବାକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ୬୦ ବର୍ଷ ବୟସ ପୂରଣ କରିଥିବା ଯୋଗ୍ୟ ବ୍ୟକ୍ତିମାନେ ବିଡିଓ କାର୍ଯ୍ୟାଳୟରେ ଅଥବା ୟୁନିଫାଏଡ୍ ପେନସନ ମ୍ୟାନେଜମେଣ୍ଟ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚାଇବା ହିଁ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ବୋଲି ସେମାନେ କହିଥିଲେ। ସୂଚନାଯୋଗ୍ୟ, ପିପିଲି ବ୍ଲକର ୨୫ଟି ଗ୍ରାମ ପଞ୍ଚାୟତକୁ ୩ଟି ଜିଲ୍ଲା ପରିଷଦ ଜୋନରେ ବିଭକ୍ତ କରାଯାଇଛି। ଏହା ପୂର୍ବରୁ ୨୩ ନମ୍ବର ଜୋନର ୮ଟି ପଞ୍ଚାୟତ ଏବଂ ୨୪ ନମ୍ବର ଜୋନର ଗୋଟିଏ ପଞ୍ଚାୟତର ସହଜପୁରକୁ ମିଶାଇ ମୋଟ ୯୫୫ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହାକୁ ମିଶାଇ ପିପିଲି ବ୍ଲକରେ ମୋଟ ୨୫୦୯ ଜଣ ନୂତନ ହିତାଧିକାରୀଙ୍କ ପେନସନ ମଞ୍ଜୁର ହୋଇଛି। ପେନସନ ରାଶି ସମ୍ପର୍କରେ ସାଂସଦ ଡଃ. ସମିତ ପାତ୍ର କହିଛନ୍ତି , ଯୋଜନା ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କୁ ୮୦୦ ଟଙ୍କା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୦ ଟଙ୍କା ମିଶି ମୋଟ ୧୦୦୦ ଟଙ୍କା ମିଳିବ। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କୁ ରାଜ୍ୟ ସରକାର ୩୦୦୦ ଟଙ୍କା ଏବଂ କେନ୍ଦ୍ର ସରକାର ୫୦୦ ଟଙ୍କା ପ୍ରଦାନ କରିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସାରଦା ନନ୍ଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।



ଔଦ୍ୟୋଗୀକ ବିକାଶ ତାଲିମ ଶିବିର ଶୁଭାରମ୍ଭ

ଡେଲାଙ୍ଗ,୧୭।୧୧ :(ମନ୍ଥନ)ମହିଳାଙ୍କୁ ଶିଳ୍ପ ତଥା କୃଷି ଭିତ୍ତିକ ତାଲିମ ପ୍ରଦାନ ପୂର୍ବକ ସେମାନଙ୍କ ଦକ୍ଷତା ବୃଦ୍ଧି ସହ ରୋଜଗାର ବୃଦ୍ଧି ଲକ୍ଷ୍ୟ ନେଇ ଡେଲାଙ୍ଗ ଷ୍ଟେସନ ବଜାର ସ୍ଥିତ ଆର. ଆଇ. ଏସ.ଡି କମ୍ପୁଟର ଶିକ୍ଷା କେନ୍ଦ୍ର ଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୧୨ ଦିନିଆ ଉଦ୍‌ୟୋଗ ବିକାଶ କାର୍ଯ୍ୟକ୍ରମ (ଇ ଡି ପି)କର୍ମଶାଳା ମଙ୍ଗଳବାର ଠାରୁ ଶୁଭାରମ୍ଭ ହୋଇଛି । ବିଶେଷ କରି ମହିଳାମାନଙ୍କୁ ବ୍ୟବସାୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା, ନିଜସ୍ୱ ବ୍ୟବସାୟ ଆରମ୍ଭ କରିବାର ଜ୍ଞାନ ଓ କୌଶଳ ପ୍ରଦାନ କରିବା ସହ ସେମାନଙ୍କ ମଧ୍ୟରେ ଉଦ୍‌ୟୋଗୀ ମନୋଭାବ ଏବଂ ବ୍ୟବସାୟିକ ଦକ୍ଷତାର ବିକାଶ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ହସ୍ତତନ୍ତ ସହକାରୀ ନିର୍ଦ୍ଦେଶକ ଭୁବନ ଭାସ୍କର ପ୍ରକାଶ କରିଛନ୍ତି ।ଏହି କର୍ମଶାଳାକୁ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଓଡ଼ିଶା ସରକାରଙ୍କ ପକ୍ଷରୁ ଶ୍ରୀ ସୁବ୍ରତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ହସ୍ତତନ୍ତ ସହକାରୀ ନିର୍ଦ୍ଦେଶକ ଭୁବନ ଭାସ୍କର ଓ ପ୍ରୋଗ୍ରାମ ଆସୋସିଏଟ୍ ଆଇ.ଇ.ଡି ଲୋପାମୁଦ୍ରା ନାୟକ ତାଲିମ ଶିବିରର ଲକ୍ଷ୍ୟ, କାର୍ଯ୍ୟଧାରା ଓ ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ପ୍ରିୟବ୍ରତ ପ୍ରଧାନ, ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ପୂର୍ଣ୍ଣେନ୍ଦୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।ଏହି ୧୨ ଦିନିଆ ପ୍ରଶିକ୍ଷଣ ମାଧ୍ୟମରେ ମହିଳାମାନେ ନିଜ ଦକ୍ଷତାକୁ ବିକଶିତ କରିବା ସହ ଭବିଷ୍ୟତରେ ନିଜସ୍ୱ ବ୍ୟବସାୟ ଆରମ୍ଭ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଆଶା ପ୍ରକାଶ କରିଥିଲେ ।



ବାତ୍ୟା ଭୟ,ଚିନ୍ତାରେ ଚାଷୀ

କୁକୁଡାଖଣ୍ଡି, ୧୭।୧୧ :(ମନ୍ଥନ) କ୍ଷେତରେ ଲହଡ଼ି ଭାଙ୍ଗୁଛି ପେଟ୍ଟା ପେଟ୍ଟା ପାଚିଲା ଧାନ । ସବୁଜ କ୍ଷେତ ଏବେ ସୁନାର ରଙ୍ଗରେ ଝଲସୁଛି । ଆଉ ମାତ୍



ଅଁଳା ନବମୀରେ କୁଚିଣ୍ଡାରେ ପ୍ରଭୁ ଶ୍ରୀ ଦଧିବାମନଙ୍କ ଦର୍ଶନ



କୁଚିଣ୍ଡା,୧୭।୧୧ :(ମନ୍ଟୁନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରର ମନ୍ଦିର ଛକ ସ୍ଥିତ ଶ୍ରୀ ଦଧିବାମନ ମନ୍ଦିରରେ ପବିତ୍ର ଅଁଳା ନବମୀ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ମନ୍ଦିରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ସମାପନ ପରେ ଅଁଳା ଗଛ ମୂଳରେ ଜଳାଭିଷେକ କରାଯାଇଥିଲା। ଏଥିସହିତ ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଆଦି ବିଭିନ୍ନ ପୂଜା ସାମଗ୍ରୀ ଅର୍ପଣ କରି ମନ୍ଦିର ପୂଜକ ପ୍ରଭାତ ଶର୍ମା ଙ୍କ ଦ୍ୱାରା ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା।ସକାଳୁ ସକାଳୁ ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ପ୍ରଭୁ ଶ୍ରୀ ଦଧିବାମନଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ଅଁଳା ଗଛ ମୂଳରେ ପୂଜା କରି ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରି ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।ମନ୍ଦିର ପୂଜକଙ୍କ ସୂଚନା ଅନୁଯାୟୀ, ଅଁଳା ନବମୀ ଅବସରରେ ମଧ୍ୟାହ୍ନ ପୂଜା ପରେ ଅଁଳା ଗଛ ମୂଳରେ ଅନ୍ନପ୍ରସାଦ ସେବନ କରିବାର ଏକ ପାରମ୍ପରିକ ବିଧି ରହିଛି। ଏହି ପରମ୍ପରାକୁ ଆଧାର କରି ଆଜି ମନ୍ଦିର ପକ୍ଷରୁ ସମସ୍ତ ଭକ୍ତଙ୍କ ନିମନ୍ତେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।।ପବିତ୍ର ଅଁଳା ନବମୀ ଅବସରରେ ମନ୍ଦିର ପରିସର ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶରେ ଭରିଉଠିଥିଲା।

ବୁଗୁଡ଼ାରେ ଅଁଳା ନବମୀ ଉତ୍ସବ ପାଳିତ

ବୁଗୁଡ଼ା ,୧୭।୧୧ :(ମନ୍ଟୁନ)ବୁଗୁଡ଼ା ଅଞ୍ଚଳର ବିଭିନ୍ନମନ୍ଦିରରେ ଅଁଳା ନବମୀ ଉତ୍ସବ ଯଥା ରୀତିନୀତିପ୍ରକାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିରଞ୍ଚିନାରାୟଣ ମନ୍ଦିର ପରିସରସ୍ଥ ରଘୁନାଥ ମନ୍ଦିରରେପୁରୋହିତ ଉମାକାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବ ପାଳନ ଅବସରରେ ଦେବାଦେବୀଙ୍କ ପହଡଅବକାଶ, ମଙ୍ଗଳ ଆଳତି, ଅଁଳା ମାଳାର୍ପଣ,ବାଲଭୋଗ, ରାଧା ପାଦ ଦର୍ଶନ ଆଦି କାର୍ଯ୍ୟକ୍ରମଯଥାବିଧି ପ୍ରକାରେ ଅନୁଷ୍ଠିତ ହୋଇଥିଲା ବେଳେଗୋପୀନାଥ ମନ୍ଦିର ଓ ବଳଦେବ ମନ୍ଦିରରେ ମଧ୍ୟଅନୁରୂପ ଭାବେ ପାଳନ କରାଯାଇଥିଲା । ସେହିପରିବାଲିପଦର ଗ୍ରାମସ୍ଥିତ ରଘୁନାଥ ସ୍ୱାମୀ ମନ୍ଦିର,ବାଦୁଆର ରାଧାକୃଷ୍ଣ ମନ୍ଦିର ଓ କଦମ୍ବ ମଠର ରାଧାକୃଷ୍ଣମନ୍ଦିରରେ ପାରମ୍ପରିକ ରୀତିରେ ଅଁଳା ନବମୀ ଉତ୍ସବପାଳିତ ହୋଇଥିଲା । ସମ୍ପୃକ୍ତ ମନ୍ଦିରଗୁଡିକରେ ସକାଳେ ଓ ସନ୍ଧ୍ୟାରେ ଭକ୍ତଙ୍କ ଭିଡ ଜମିଥିଲା । ଅନ୍ୟପକ୍ଷରେ ବୁଗୁଡ଼ା ବଡଦାଣ୍ଡସ୍ଥିତ ଏକ ଅଁଳା ଗଛମୂଳେ ଶ୍ରଦ୍ଧାଳୁ ମହିଳାମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପୂର୍ବକ ଅଁଳା ନବମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ବାଇକ୍ ଓ ଏକ୍ସିଲ ମୁହାଁମୁହିଁ ଧକ୍କା , ୩ ଗୁରୁତର

ବୁଗୁଡ଼ା ,୧୭।୧୧ :(ମନ୍ଟୁନ)ସ୍ଥାନୀୟ ଖୋଳମାଇଲି ଛକରୁ ତାଳସାକର ରାସ୍ତାରେ ବାଇକ୍ ଓ ଏକ୍ସିଲ ମୁହାଁମୁହିଁ ଧକ୍କା ଫଳରେ ୩ ଜଣ ଗୁରୁତର ହୋଇଥିବା ଜଣାଯାଇଛି। ଗୁରୁତରମାନେ ହେଲେ ପୋଲସରା ଥାନା ଅନ୍ତର୍ଗତ ହାତୀପାଦପଲ୍ଲୀ ଗାଁର ଶିବରାମ ବିଷୋୟୀ(୩୦) ଓ ପ୍ରଭାତ ଗୌଡ(୨୩), ବୁଗୁଡାରେ ଏକ ଭଡାଘରେ ରହୁଥିବା ସନ୍ଦିପ୍ତ କୁମାର ପ୍ରଧାନ(୨୫)। ଘଟଣାରୁ ପ୍ରକାଶ ଯେ, ବୁଧବାର ପୂର୍ବାହ୍ନରେ ଶିବରାମ ଓ ପ୍ରଭାତ କୌଣସି କାମରେ ତାଳସାକର ଗ୍ରାମକୁ ଯାଇ ସେଠାରୁ ଏକ୍ସିଲରେ ଫେରୁଥିଲେ । ଅନ୍ୟପକ୍ଷରେ ସନ୍ଦିପ୍ତ ତାଙ୍କର ଦଶମ ଶ୍ରେଣୀରେ ପଢୁଥିବା



ଭାଣିଜୀକୁ ବାଇକରେ ବସାଇ ଅନ୍ତରପଡା ହାଇସ୍କୁଲରେ ଛାଡିବାକୁ ଯାଉଥିଲେ। ଖୋଳମାଇଲି ଛକଠାରୁ ଅଳ୍ପ ଦୂରରେ ରାସ୍ତା ଉପରକୁ ଧସେଇ ଆସିଥିବା ଏକ ବାଲିଗଦା ନିକଟରେ ଉଭୟ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଶିବରାମଙ୍କ ଡାହାଣ ପାପୁଲି ଓ ପାଦ ସାଙ୍ଗକୁ ମୁଣ୍ଡରେ ଆଘାତ ଲାଗିଥିଲା ବେଳେ ପ୍ରଭାତର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେହିପରି ସନ୍ଦିପ୍ତଙ୍କ ଡାହାଣ ପାପୁଲି , ପାଦ ଓ ମୁଣ୍ଡରେ ଆଘାତ ଲାଗିଥିଲା ବେଳେ ତାଙ୍କର ଭାଣିଜୀ ସାମାନ୍ୟ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶିବରାମ, ପ୍ରଭାତ ଓ ସନ୍ଦିପ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

ଜାତୀୟ ପ୍ରେସ ଦିବସ ପାଳିତ

ଜଳେଶ୍ୱର,୧୭।୧୧ :(ମନ୍ଟୁନ) ଜଳେଶ୍ୱର ସାମ୍ବାଦିକ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ ଦିବସ ଗତ କାଲି ସନ୍ଧ୍ୟାରେ ଭଞ୍ଜ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି ।କ୍ଲବର ବରିଷ୍ଠ ଉପଦେଷ୍ଟା ସୁକୁମାର ରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ,ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ନଗରପାଳ ପ୍ରତୀପ କୁମାର ପ୍ରଧାନ,ସମ୍ମାନୀତ ଅତିଥି ଡ଼ଃ ରମାକାନ୍ତ ଭଞ୍ଜ,ବରେଣ୍ୟ ଅତିଥି ରୂପେ ଶିକ୍ଷାବିତ୍ ଡ଼ଃ ଅଜିତ କୁମାର ମହାନ୍ତି, କ୍ଲବର ସଭାପତି ଆରତୀ ଦାସ ପ୍ରମୁଖ ଯୋଗଦେଇ ସାମ୍ବାଦିକତାର ପରିଭାଷା, ସାମାଜିକ ସଂସ୍କାର,ସୁରକ୍ଷା,ବୃତ୍ତି ସମ୍ପର୍କିତ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରାରମ୍ଭରେ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ସେନାପତି ସ୍ୱାଗତ ଭାଷଣ ରଖିଥିଲେ।ଏହି ଅବସରରେ ମଞ୍ଚାସୀନ ସମସ୍ତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଦିଲ୍ଲୀପ ଗିରି, ଶିକ୍ଷାବିତ ଡଃ ଲଳିତ ରଞ୍ଜନ ସେନାପତି,ମୁରଲୀ ମୋହନ ପ୍ରଧାନ,ପ୍ରାଣକୃଷ୍ଣ ଗିରି,ପ୍ରଭାସ ଚନ୍ଦ୍ର ଗିରି,ଲେଲିନ୍ କୁମାର ପ୍ରଧାନ,ଇଂ ଶ୍ରୀମନ୍ତ ଘୋଷ,ଜଗଦୀଶ ନନ୍ଦୀ,ରବୀନ୍ଦ୍ର ବାରିକ,ଲକ୍ଷ୍ମୀଧର ଗିରି,ଜ୍ଞାନେନ୍ଦ୍ର ଜେନା, ରାଜାରାମ କର ଶର୍ମା ପ୍ରମୁଖ ଜାତୀୟ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ଜଣାଇଥିଲେ। ସେହିପରି କବି ବସନ୍ତ ଦାସ, ନରୋତ୍ତମ ପ୍ରଧାନ,ରଞ୍ଜନ କୁମାର ଘୋଷ,ସୁଶିଲ ମାହାନା,କମଳ କାମିନୀ ଦେ,ଝାଡେଶ୍ୱର ବ୍ରହ୍ମ ପ୍ରମୁଖ କବିତା ମଧ୍ୟମରେ ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଗାଁକୁ ନାହିଁ ରାସ୍ତା, ବିକାଶର ଅପେକ୍ଷାରେ ଭୋଥା



ନୂଆପଡ଼ା, ୧୭।୧୧ :(ମନ୍ଟୁନ) ଗ୍ରାମାଞ୍ଚଳର ବିକାଶ ଓ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଉଥିବାବେଳେ ନୂଆପଡ଼ା ଜିଲ୍ଲାର ଭୋଥା ଗାଁ ଆଜି ବି ଯୋଗାଯୋଗର ଅଭାବରେ ବିକାଶଠାରୁ ବହୁ ଦୂରରେ। ଗାଁକୁ ଯିବା ପାଇଁ ନାହିଁ ସୁଗମ ରାସ୍ତା, ବ୍ରାହ୍ମଣୀ ନାଳା ଉପରେ ନାହିଁ ପୋଲ। ବର୍ଷାଦିନେ ନାଳାରେ ପାଣି ବଢ଼ିଲେ ଗାଁର ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡୁଥିବାବେଳେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ମଧ୍ୟ ଗ୍ରାମବାସୀଙ୍କ ପାଇଁ ଅପହଞ୍ଚ ହୋଇଯାଉଛି। ରାସ୍ତା ଓ ପୋଲ ନିର୍ମାଣର ଦୀର୍ଘଦିନର ଦାବି ସତ୍ତ୍ୱେ ଏଯାଏଁ ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ବିକାଶର ଦାବି ଜୋର ଧରିଛି।ନୂଆପଡ଼ା ଜିଲ୍ଲା ଧରମବନ୍ଧା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭୋଥା ଗାଁ ଭୋଥା ଓ ବୁତକାପଡ଼ା ନାମକ ଦୁଇଟି ପଡ଼ାକୁ ନେଇ ଗଠିତ। ଏଠାରେ ମୋଟ ୧୪ଟି ପରିବାରର ପ୍ରାୟ ୮୦ ଜଣ ଲୋକ ବସବାସ କରୁଛନ୍ତି। ଗୋଟିଏ ପଡ଼ାରେ ୬ଟି ପହରିଆ ପରିବାର ଏବଂ ଅନ୍ୟ ପଡ଼ାରେ ୮ଟି ଆଦିବାସୀ ପରିବାର ରହୁଛନ୍ତି। ଅଳ୍ପସଂଖ୍ୟକ ପରିବାର ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ଯାତାୟାତର ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି। ବିଶେଷକରି ବୃଦ୍ଧବୃଦ୍ଧା, ମହିଳା, ଶିଶୁ ଓ ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଗାଁରୁ ବାହାରକୁ ଯିବା ଏକ ଦୁର୍ସାଧ୍ୟ କାର୍ଯ୍ୟ ପାଲଟିଛି।ଗାଁରେ କେହି ଗୁରୁତର ଅସୁସ୍ଥ ହେଲେ ଆମ୍ବୁଲାନ୍ସ ଗାଁ ଭିତରକୁ ପହଞ୍ଚିବା ସମ୍ଭବ ହେଉନାହିଁ। ଫଳରେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ପରିବାରବର୍ଗଙ୍କୁ ଅନେକ ଅସୁବିଧା ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ସାଧାରଣ ସରକାରୀ କାର୍ଯ୍ୟ ପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ମଧ୍ୟ ଗ୍ରାମବାସୀଙ୍କ ପାଇଁ କଷ୍ଟକର ହୋଇପଡୁଛି। ଯୋଗାଯୋଗର ଏହି ଅଭାବ କେବଳ ଯାତାୟାତକୁ ବାଧାପ୍ରାପ୍ତ କରୁନାହିଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସରକାରୀ ସୁବିଧା ପ୍ରାପ୍ତିରେ ମଧ୍ୟ ବାଧକ ସୃଷ୍ଟି କରୁଛି।କୋଦୋପାଲିରୁ ଭୋଥା ଗାଁକୁ ଯିବା ରାସ୍ତାରେ ପଡୁଥିବା ବ୍ରାହ୍ମଣୀ ନାଳା ଗ୍ରାମବାସୀଙ୍କ ଯାତାୟାତରେ ପ୍ରମୁଖ ବାଧକ ସାଜିଛି। ନାଳା ଉପରେ ପୋଲ ନଥିବାରୁ ସାଧାରଣ ଦିନରେ ମଧ୍ୟ ଲୋକେ ଅତି କଷ୍ଟରେ ଯାତାୟାତ କରୁଛନ୍ତି। ବର୍ଷାଦିନେ ନାଳାରେ ଜଳସ୍ତର ବୃଦ୍ଧି ପାଇଲେ ଗାଁକୁ ଯିବା ଓ ଗାଁରୁ ବାହାରିବା ପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଏଭଳି ପରିସ୍ଥିତିରେ ଗ୍ରାମବାସୀ ଦିନଦିନ ଧରି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିବାକୁ ବାଧ ହେଉଛନ୍ତି।ନାଳା ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ଲେଖାଏଁ, ମୋଟ ଦୁଇଟି ସୌରଚାଳିତ ଆଲୋକ ବ୍ୟବସ୍ଥା ଲଗାଯାଇଥିଲେ ମଧ୍ୟ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ମରାମତି ଅଭାବରୁ ରାତିରେ ଗାଁର ଆଲୋକ ବ୍ୟବସ୍ଥା ମଧ୍ୟ ଲୋକଙ୍କ ସୁରକ୍ଷା ପାଇଁ ଉପଯୋଗୀ ହୋଇପାରୁନାହିଁ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁର ସମସ୍ୟା ଅନୁଧ୍ୟାନ କରିବାକୁ ଏଯାଏଁ କୌଣସି ବଡ଼ ଅଧିକାରୀ ଗାଁକୁ ଆସିନାହାନ୍ତି। ରାସ୍ତାର ଅବସ୍ଥା ଏପରି ଯେ ଗାଡ଼ି ଗାଁ ଭିତରକୁ ଯିବା ମଧ୍ୟ କଷ୍ଟକର। "ଆମ ଦୁଃଖ ଦେଖିବାକୁ ଗାଁକୁ କୌଣସି ବଡ଼ ଅଧିକାରୀ ଆସିନାହାନ୍ତି। ଆସିବେ ବା କେମିତି, ଗାଡ଼ି ତ ଗାଁକୁ ଯାଇପାରିବ ନାହିଁ" ବୋଲି ଶ୍ୟାମା ବରିହା କ୍ଷୋଭ ପ୍ରକାଶ କରିଛନ୍ତି।ଏନେଇ ସ୍ଥାନୀୟ ସରପଞ୍ଚ କହିଛନ୍ତି ଯେ ଗାଁରେ ରାସ୍ତା ନିର୍ମାଣ ସହ ଗାଧୋଇବା ପାଇଁ ବାଥ୍ ଷ୍ଟେପ୍ ନିର୍ମାଣ ଭଳି କିଛି ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଆଗକୁ ମଧ୍ୟ ଅଧିକ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।ତେବେ ସରପଞ୍ଚଙ୍କ ପ୍ରତିଶ୍ରୁତି କେବେ ବାସ୍ତବ ରୂପ ନେବ, ତାହାକୁ ଅପେକ୍ଷା କରିଛନ୍ତି ଭୋଥାବାସୀ। ଗାଁକୁ ସବୁଦିନିଆ ଯାତାୟାତଯୋଗ୍ୟ ରାସ୍ତା, ବ୍ରାହ୍ମଣୀ ନାଳା ଉପରେ ପୋଲ ନିର୍ମାଣ ଏବଂ ଅଚଳ ସୌରଚାଳିତ ଆଲୋକ ବ୍ୟବସ୍ଥାର ମରାମତି ଏବେ ଗ୍ରାମବାସୀଙ୍କ ପ୍ରମୁଖ ଦାବି। ଶ୍ୟାମା ବରିହା, ପ୍ରେମଲାଲ ବରିହା, କାର୍ତ୍ତିକ ବରିହା, ପ୍ରତାପି ବରିହା ଓ ଶୁବୁ ବରିହା ପ୍ରମୁଖ ଗ୍ରାମର ମୌଳିକ ସମସ୍ୟାର ସମାଧାନ ପାଇଁ ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି।

ରଙ୍ଗପୁରରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା ଘଟଣାରେ ୪ଅଭିଯୁକ୍ତ ଗିରଫ


ଯାଜପୁର,୧୭।୧୧ :(ମନ୍ଟୁନ)ଯାଜପୁର ଟାଉନ ଥାନା ଅନ୍ତର୍ଗତ ବିରଜାପୁର ପଞ୍ଚାୟତ ରଙ୍ଗପୁରରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା ଘଟଣାରେ ବଡ଼ ସଫଳତା ପାଇଛି ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ୪ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଯାଜପୁର ଟାଉନ ଥାନା ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ଚନ୍ଦନ ସାହୁ, ଉପେନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ ଓ ଘନଶ୍ୟାମ ସାହୁ। ଚୋରି ସନ୍ଦେହରେ ୨୭ ବର୍ଷୀୟ ଯୁବକ ଅଭିମନ୍ୟୁ ସାମଲଙ୍କୁ ନିର୍ମମ ଭାବେ ମାଡ଼ ମାରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଘଟଣା ସମ୍ପର୍କରେ ଯାଜପୁର ଏସଡିପିଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।ଏହି ଘଟଣାକୁ ନେଇ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସାମାନ୍ୟ ଚୋରି ସନ୍ଦେହରୁ ଜଣେ ଯୁବକଙ୍କ ଜୀବନ ଚାଲିଯିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମୃତ ଯୁବକ ହେଉଛନ୍ତି ଅଳକୁଣ୍ଡ ଥାନା ଅନ୍ତର୍ଗତ ହଳଦୀଡିହ ପଞ୍ଚାୟତ ବଡ଼କୁଆଁଳ ଗ୍ରାମର ବାସୁଦେବ ସାମଲଙ୍କ ପୁଅ ଅଭିମନ୍ୟୁ। ସୂଚନା ଅନୁଯାୟୀ, ଗତ ପ୍ରାୟ ୫ଦିନ ଧରି ଅଭିମନ୍ୟୁ ଘରୁ ବାହାରି ଏଣେତେଣେ ବୁଲୁଥିଲେ। ଗତ ରବିବାର ରାତି ପ୍ରାୟ ୨ଟା ୫୫ ମିନିଟ୍ ସମୟରେ ରଙ୍ଗପୁର ଗାଁ କୁମ୍ଭାରସାହିର ଏକ ଘରେ ପଶି ପାଣି ପିଇବାକୁ ମାଗିଥିଲେ। ତେବେ ତାଙ୍କୁ ଚୋର ସନ୍ଦେହ କରି କିଛି ଲୋକ ମିଳିତ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏପରିକି ତାଙ୍କୁ ହାତଗୋଡ଼ ବାନ୍ଧି ମାଡ଼ ମରାଯାଇଥିବା ଜଣାପଡ଼ିଛି। ଏହି ସମୟରେ ଅଭିମନ୍ୟୁ ଏକ ଅଜଣା ମୋବାଇଲ ନମ୍ବରରୁ ନିଜ ସାନଭାଇ ବିଶ୍ୱଜିତ ସାମଲଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଏଥିସହ ପୋଲିସକୁ ମଧ୍ୟ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିମନ୍ୟୁଙ୍କୁ ଉଦ୍ଧାର କରି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ହେଲେ ସେଠାରେ ପରିବାର ଲୋକେ ଅଭିମନ୍ୟୁଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ଅନ୍ୟପଟେ ଏହି ଘଟଣାରେ ଅଭିମନ୍ୟୁଙ୍କ ସାନଭାଇ ଟାଉନ ଥାନାରେ ଲିଖିତ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରି ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଆଜି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏପଟେ ଯୁବକଙ୍କୁ ଆକ୍ରମଣ କରାଯାଉଥିବା ବେଳର ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଛି।ତେବେ ଚୋରି ସନ୍ଦେହରେ ଆଇନକୁ ହାତକୁ ନେଇ ଜଣେ ଯୁବକଙ୍କ ଜୀବନ ଚାଲିଯିବା ଘଟଣା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏଭଳି ଘଟଣାର ପୁନରାବୃତ୍ତି ରୋକିବା ସହ ଦୋଷୀଙ୍କୁ ଉଚିତ ଦଣ୍ଡ ଦେବା ପାଇଁ ଦାବି ଜୋର ଧରିଛି।

୫ ଦଫା ଦାବିରେ ଦଶରଥପୁର ବ୍ଲକ ଘେରିଲା ପାଲଟପୁର କଂଗ୍ରେସ

ଯାଜପୁ,୧୭।୧୧ :(ମନ୍ଟୁନ)୫ ଦଫା ଦାବିରେ ଦଶରଥପୁର ବ୍ଲକ ଘେରିଲା ପାଲଟପୁର କଂଗ୍ରେସ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ କଂଗ୍ରେସ ପକ୍ଷରୁ ଜନଅସନ୍ତୋଷ ଦେଖିବାକୁ ମିଳିଛି। ବ୍ଲକ କାର୍ଯ୍ୟାଳୟ ଫାଟକ ସାମ୍ନାରେ ବାସୀ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଯୁବ ନେତା ଚନ୍ଦ୍ର ଶେଖର ସାହୁଙ୍କ ନେତୃତ୍ୱରେ ସରପଞ୍ଚ ଲିପିକା ମଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା, ପୂର୍ବତନ ସମିତି ସଭ୍ୟ ବିମଳ ମଲିକ, ସାମ୍ବାଦିକ ଜ୍ୟୋତି ପ୍ରକାଶ ମିଶ୍ର, ଅନନ୍ତ କୁମାର ଜେନା, ଦେବେନ୍ଦ୍ର ବେହେରା ପ୍ରମୁଖ ସରକାର ଏବଂ ପ୍ରଶାସନ ଅବହେଳା ନେଇ ପ୍ରବଳ ବର୍ଷିଥିଲେ। ଭଡା ଯୋଜନାରେ ସରକାର ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର, ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଆବାସ ଯୋଗାଇବା, ସ୍ୱଚ୍ଛ ପାନୀୟ ଜଳ , ରାସନ କାର୍ଡ ଯୋଜନାରେ ନୂତନ ସଦସ୍ୟଙ୍କ ନାମ ସଂଯୋଗ ଓ ପ୍ରାକୃତିକ ବିପର୍ଯ୍ୟୟରେ ଚାଷ ନଷ୍ଟ ହେଲେ ପ୍ରତି ହେକ୍ଟର ପିଛା କୁ ୮୫୦୦ ଟଙ୍କା ପ୍ରଦାନ ଦାବୀ ନେଇ ଦଶରଥପୁର ବ୍ଲକ ଘେରାଉ କରି ଡବଲ ଇଞ୍ଜିନ ସରକାର ଉପରେ ଗର୍ଜିଥିଲେ। ପରେ ଏ ନେଇ ଏକ ଦରଖାସ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦଶରଥପୁର ବିଡ଼ିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଆସନ୍ତା ଏକ ମାସ ମଧ୍ୟରେ ଲୋକମାନଙ୍କ ଦାବୀ ପୂରଣ ନହେଲେ ଆଇନର ଆଶ୍ରୟ ନିଆଯିବା ସହ ଆମରଣ ଅନଶନରେ ବସିବାକୁ ଚେତାବନୀ ଦିଆଯାଇଛି।

ଖୋର୍ଦ୍ଧାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୬ ଅନୁଷ୍ଠିତ

ଖୋର୍ଦ୍ଧା,୧୭।୧୧ :(ମନ୍ଟୁନ) ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ଚାଷୀଙ୍କ ଆୟ ବୃଦ୍ଧି, ଆତ୍ମନିର୍ଭରଶୀଳତା ଏବଂ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ଖୋର୍



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ତଥ୍ୟର ସୁରକ୍ଷା ଓ ଉତ୍ତରାଧିକାର

ଯୁଧିଷ୍ଠିର ମହାରଣା

ସୁନା, ୟୁରାନିୟମ, ବିରଳ ମୃତ୍ତିକା ଓ ଜୀବାଶ୍ମ ଇନ୍ଧନ ପରେ ସାମ୍ପ୍ରତିକ ବିଶ୍ୱରେ ତଥ୍ୟର ଗୁରୁତ୍ୱ ଓ ମୂଲ୍ୟ ଆଶାତୀତ ବଢ଼ିବାରେ ଲାଗିଛି । ବିଶେଷକରି କୃତ୍ରିମ ବୁଦ୍ଧିମତା ଏଆଇ ଯୁଗରେ ତଥ୍ୟ ହିଁ ଆଧାର ଓ ମୁଖ୍ୟ ସଂଚାଳକ ହୋଇଥିବାରୁ ଏହାକୁ ନେଇ ବିଶ୍ୱରେ ଛାୟାଯୁଦ୍ଧ ଆରମ୍ଭ ହୋଇସାରିଲାଣି । ଏହି ପୃଷ୍ଠଭୂମିରେ ତଥ୍ୟର ସୁରକ୍ଷା ଓ ଉତ୍ତରାଧିକାର ପ୍ରଶ୍ନ ଆହୁରି ପ୍ରାସଙ୍ଗିକ ମନେ ହୁଏ। ଅର୍ଥାତ୍ ବ୍ୟକ୍ତିଗତ, ମୌଳିକ ଓ ଗବେଷଣାଲବ୍ଧ ତଥ୍ୟ ସ୍ୱତ୍ୱାଧିକାର ଆଇନ ଭଳି ସୁରକ୍ଷା ବଳୟରେ ଆସୁଛି କି ନାହିଁ ଏବଂ ଯିଏ ଚାହିଁଲା ଏହାକୁ ମନଇଚ୍ଛା ଉପଯୋଗ କରିପାରିବ ନା କିଛି କଟକଣା ରହିଛି ସେ ବିଷୟରେ ଅଧିକାଂଶ ଭାରତୀୟ ଅଜ୍ଞ । ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଆମ ସମ୍ବିଧାନ ଆମକୁ ଦେଇଛି । ତଥ୍ୟ ସୁରକ୍ଷା ପାଇଁ ଆମ ଦେଶରେ ଆଇନ ମଧ୍ୟ ପ୍ରଣୟନ ହୋଇଛି । କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ତଥ୍ୟକୁ ସମ୍ପତ୍ତି ବର୍ଗୀଭୂତ କରାଯାଇ ବ୍ୟକ୍ତିର ଅବର୍ତ୍ତମାନରେ ଉତ୍ତରାଧିକାର ନିର୍ଣ୍ଣୟ କରାଯାଇପାରିବ କି ?

ଏଭଳି ଏକ କୌତୁହଳ ଓ ସମ୍ବେଦନଶୀଳ ପ୍ରସଙ୍ଗ ଅଦାଲତ କାଠଗଡ଼ା ଭିତରକୁ ଆସିଛି । ଗୁଜୁରାଟର ଗାନ୍ଧୀନଗର ଦୌରା ଜଜଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇ ଜଣେ ମୃତକଙ୍କ ଆଇକ୍ଲାଇଡ଼ରେ ଥିବା ତଥ୍ୟକୁ ସମ୍ପତ୍ତି ମାନ୍ୟତା ସହିତ ଉତ୍ତରାଧିକାର ଓ ତଥ୍ୟ ହସ୍ତାନ୍ତର ନିର୍ଦ୍ଦେଶ ଦିଆଯାଇଛି । ମାମଲାର ବିବରଣୀ ଅନୁଯାୟୀ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଇଫୋନ ଓ ଆଇକ୍ଲାଉଡକୁ ଖୋଲିବା ପାଇଁ ପରିବାର ଲୋକଙ୍କେ ଆଇଫୋନ ନିର୍ମାତା ଆପଲ କମ୍ପାନୀର ସହାୟତା ଲୋଡ଼ିଥିଲେ । କିନ୍ତୁ ଅଦାଲତ ନିର୍ଦ୍ଦେଶ ବିନା ପାସୱାର୍ଡ଼ କିମ୍ବା ତଥ୍ୟ ଅନ୍ୟପକ୍ଷଙ୍କୁ ଦିଆଯାଇପାରିବ ନାହିଁ ବୋଲି ଆପଲ କହିବା ପରେ ପରିବାର ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଣ୍ଡିଆନ ସକସେସନ ଆକ୍ଟ-୧୯୨୫ ଆଧାରରେ ଫୋନରେ ଥିବା ତଥ୍ୟ ପାଇବାକୁ ହକଦାର ବୋଲି ଦାବି କଲେ । ଅଦାଲତର ମାମଲାର ତର୍ଜମା ଏତେ ସରଳ ନଥିଲା । ବାଦୀ ପକ୍ଷର ଯୁକ୍ତି ଅନୁଯାୟୀ ଆଇନତଃ ଜେନେରାଲ କ୍ଲଜ ଆକ୍ଟ ଡିଜିଟାଲ ତଥ୍ୟ ମଧ୍ୟ ସହଜ ବା ଅବସ୍ଥାବର ସମ୍ପତ୍ତି ପରିସରଭୁକ୍ତ । ଭାରତୀୟ ନ୍ୟାୟ ସଂହିତା, ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟ ମଧ୍ୟ ସମାନ କଥା କହୁଛି । ଆୟକର ଆଇନର ଧାରା ୨(୪୭(ଏ) କ୍ରିପ୍ଟୋକରେନ୍ସି ଓ ଏନଏଫଟିକୁ ଡିଜିଟାଲ ଆସେଟ ମାନ୍ୟତା ଦେଇଛି । ତେଣୁ ତଥ୍ୟ ମଧ୍ୟ ସମ୍ପତ୍ତି ତାଲିକାଭୁକ୍ତ ହୋଇପାରିବ ଏବଂ ଏହାର ଉତ୍ତରାଧିକାର ନିର୍ଣ୍ଣୟ ହେବା ଉଚିତ । ଅପରପକ୍ଷରେ ପ୍ରତିବାଦୀ ପକ୍ଷ ଯୁକ୍ତି ଥିଲା ଯେ ତଥ୍ୟଗତ ଉତ୍ତରାଧିକାର ସମ୍ପର୍କିତ କୌଣସି ସରକାରୀ ନିର୍ଦ୍ଦେଶନାମା କିମ୍ବା ବିଜ୍ଞପ୍ତି ନାହିଁ । ଏହାଛଡ଼ା ଡିଜିଟାଲ ଆକାଉଣ୍ଟରେ ଏଭଳି ଅନେକ ବ୍ୟକ୍ତିଗତ ଆଳାପ, ତଥ୍ୟ, ଚିଠି, ବାର୍ତ୍ତା ରହୁଛି ଯାହା ସମ୍ପୃକ୍ତ ବ୍ୟକ୍ତିର ଭାବପ୍ରବଣତା ସହିତ ଜଡ଼ିତ ଏବଂ ନିତାନ୍ତ ଗୋପନୀୟ । ହୁଏତ ଏହା ପ୍ରଘଟ ହେଲେ ପାରିବାରିକ ସମ୍ପର୍କରେ ବିଭ୍ରାଟ ସୃଷ୍ଟି ହୋଇପାରେ କିମ୍ବା ସମ୍ପର୍କରେ ସନ୍ତୁଳନ ବିଗିଡ଼ି ଯାଇପାରେ । ପରିବାର ଲୋକେ ଜାଣିଲେ ମଧ୍ୟ ମରୋଣତ୍ତର ଭାବେ ଏହା ସମ୍ପୃକ୍ତ ବ୍ୟକ୍ତିର ମାନ, ସମ୍ମାନ ଓ ମର୍ଯ୍ୟାଦା ହାନି କରିପାରେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଶେଷରେ ଅଦାଲତ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ବ୍ୟକ୍ତିଗତ ଅଧିକାର ଓ ଗୋପନୀୟତାର ସର୍ତ୍ତ ଜଣେ ବ୍ୟକ୍ତିର ଜନ୍ମ ସହିତ ଆରମ୍ଭ ହୁଏ ଏବଂ ମୃତ୍ୟୁ ସହିତ ସମାପ୍ତ ହୋଇଯାଏ । ତେଣୁ ମାନ ସମ୍ମାନ ମର୍ଯ୍ୟାଦାର ଦାବି ଦେଇ ତଥ୍ୟର ଉତ୍ତରାଧିକାରକୁ ନିଷେଧ କରାଯାଇପାରିବ ନାହିଁ । ଅଦାଲତ ନିର୍ଦ୍ଦେଶାନୁଯାୟୀ ଉକ୍ତ ଫୋନରେ ଥିବା ସମସ୍ତ ତଥ୍ୟ ମୃତକଙ୍କ ଝିଅକୁ ହସ୍ତାନ୍ତର କରିବାକୁ ଆପଲ ବାଧ ହୋଇଛି । ଏଭଳି ଏକ ମାମଲା ଜର୍ମାନୀର ସର୍ବୋଚ୍ଚ ଅଦାଲତ (ଫେଡେରାଲ କୋର୍ଟ ଅଫ ଜଷ୍ଟିସ୍ ଅଫ ଜର୍ମାନୀ)ରେ ଶୁଣାଣି ହୋଇଥିଲା । ୨୦୧୨ରେ ଜନୈକା ପନ୍ଦର ବର୍ଷର କିଶୋରୀଙ୍କ ମୃତ୍ୟୁ ପରେ ତାଙ୍କର ମୃତ୍ୟୁପୂର୍ବବର୍ତ୍ତୀ ମାନସିକ ସ୍ଥିତି, ପରିସ୍ଥିତି ଜାଣିବା ଏବଂ ଦୁର୍ଘଟଣା ଜନିତ ଔପଚାରିକତା ପୂରଣ ଲାଗି ପିତାମାତା ଝିଅର ଫେସବୁକ ଆକାଉଣ୍ଟର ପାସୱାର୍ଡ଼ ଦେବାକୁ ଫେସବୁକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ । ଫେସବୁକ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ଦଂଶୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ । ସେଠାକାର ସର୍ବୋଚ୍ଚ ଅଦାଲତ ମାମଲାର ଶୁଣାଣି କରି ୨୦୧୮ରେ ଦେଇଥିବା ରାୟରେ କହିଥିଲେ ଯେ ଡାଇରୀ, ଚିଠି ପରି ଡିଜିଟାଲ ତଥ୍ୟ ମଧ୍ୟ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର କରାଯାଇପାରିବ । କାରଣ ଜେନେରାଲ ଡାଟା ପ୍ରୋଟେକସନ ରେଗୁଲେସନ ଅନୁଯାୟୀ ତୃତୀୟପକ୍ଷଙ୍କୁ ତଥ୍ୟ ହସ୍ତାନ୍ତର ବାରଣ ରହିଛି କିନ୍ତୁ ପରିବାର ଲୋକେ ତୃତୀୟ ପକ୍ଷ ନୁହଁନ୍ତି । ପରିବାର ଲୋକେ ମୃତକଙ୍କ ଆକାଉଣ୍ଟକୁ ଚଳାଇ ପାରିବେ ନାହିଁ । କିନ୍ତୁ ସେଥିରେ ଥିବା ତଥ୍ୟ ପାଇବାକୁ ହକଦାର । ଏହାପରେ ଫେସବୁକ ମୃତକଙ୍କ ପାସୱାର୍ଡ଼ ତାଙ୍କ ପିତାମାତାଙ୍କୁ ଦେଇଥିଲା ।

ଏଭଳି ଜଟିଳ ଓ ବିରଳ ମାମଲାର ସମାଧାନ ପାଇଁ ଆମ ଦେଶରେ ପ୍ରଚଳିତ ଆଇନ ଅସ୍ପଷ୍ଟ । ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ଆକ୍ଟ, ୨୦୨୩ର ଧାରା ୧୪ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କର ଡିଜିଟାଲ ତଥ୍ୟର ବ୍ୟବହାର ପାଇଁ ଉତ୍ତରାଧିକାର ଚୟନ କରିପାରିବେ। ଅର୍ଥାତ୍ ବ୍ୟାଙ୍କ ଆକାଉଣ୍ଟର ଅର୍ଥ ରାଶି ଦାବି ପରି ଡିଜିଟାଲ ଆକାଉଣ୍ଟରେ ଥିବା ତଥ୍ୟ ତାଙ୍କ ମୃତ୍ୟୁ ପରେ ନୋମିନି ଉପଯୋଗ କରିପାରିବେ ଏବଂ ଏଥିରେ ପାସୱାର୍ଡ଼ ଆଦିକୁ ଡିକୋଡ କରିବାରେ ନୋମିନଙ୍କୁ ସମ୍ପୃକ୍ତ ସେବା ପ୍ରଦାନକାରୀ ସଂସ୍ଥା ସହାୟତା କରିବେ। କିନ୍ତୁ ଯଦି ନୋମିନି ଚୟନ ହୋଇନାହିଁ ସେ କ୍ଷେତ୍ରରେ କଣ କରାଯିବ ସେ ବିଷୟରେ ଆଇନ ନିରବ ରହିଛି । ସୂଚନା ପ୍ରଯୁକ୍ତି ଆଇନ ୨୦୦୦ରେ ମଧ୍ୟ ତଥ୍ୟ ଉତ୍ତରାଧିକାର ବିଷୟରେ ଉଲ୍ଲେଖ ନାହିଁ। ତେଣୁ ଭବିଷ୍ୟତର ଏଭଳି ଜଟିଳ ମାମଲାର ଫଏସଲା ପାଇଁ ଗାନ୍ଧୀନଗର ଅଦାଲତ ରାୟ ମାନଦଣ୍ଡ ବା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଇଷ୍ଟର୍ନଟର ପ୍ରଚଳନ ପୂର୍ବରୁ ହାତଲେଖା ଡାଇରି କିମ୍ବା ଚିଠିପତ୍ର ଆଦି ଗୋପନୀୟ ଦସ୍ତାବେଜ ଭାବେ ରହୁଥିଲା । ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସିନ୍ଦୁକ କିମ୍ବା ଆଲମାରୀରୁ ସେ ସବୁ ସଂଗ୍ରହ ବା ଉଦ୍ଧାର କରିବାରେ ଆଇନତଃ ପ୍ରତିବନ୍ଧକ ରହୁ ନଥିଲା । କିନ୍ତୁ ଏବେ ଡିଜିଟାଲ ନିର୍ଭରଶୀଳତା ବଢ଼ିବା ସହିତ ହାତ ଲେଖା ଦସ୍ତାବେଜର ସଂଖ୍ୟା ପ୍ରାୟତଃ ଶୂନ୍ୟ ହୋଇଆସୁଥିବା ବେଳେ ଡିଜିଟାଲ ଡକ୍ୟୁମେଣ୍ଟର ପ୍ରାବଲ୍ୟ ବଢ଼ିବାରେ ଲାଗିଛି । ବିଶେଷକରି ଏଆଇ ଯୁଗରେ ତଥ୍ୟର ପ୍ଲାବନ ସୃଷ୍ଟି ହୋଇସାରିଥିବାରୁ ଭବିଷ୍ୟତରେ ଆଇନଗତ ଜଟିଳତା ଏଡ଼ାଇବା ପାଇଁ ଆମ ଦେଶରେ ସ୍ପଷ୍ଟ ଆଇନ ପ୍ରଣୟନ ହେବା ବିଧେୟ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

ଷ୍ଟ୍ରୋକ୍ : ଆପଣଙ୍କ ହାତରେ ସବୁକିଛି

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ସକାଳୁ ସକାଳୁ ଅନେକ ଖବର ସୁଖଦ ହୋଇନଥାଏ କିଛି ମଧ୍ୟ ଦୁଃଖଦ ହୋଇଥାଏ। ତେବେ କେବଳ ସକାଳ ସମୟ ନୁହେଁ ଦିନ ଓ ରାତିର ଯେ କୌଣସି ସମୟରେ ବି ଜଣେ ପରିଚିତ ଲୋକଙ୍କର ଷ୍ଟ୍ରୋକ ସମସ୍ୟା ଓ ବିଳମ୍ବ ଚିକିତ୍ସା ବା କୌଣସି ପରିପାର୍ଶ୍ୱିକ ଅନ୍ୟ ସମସ୍ୟା ପାଇଁ ଜୀବନ ଚାଲିଯିବାର ଅଚାନକ ଖବରଟି ଅନେକ କଷ୍ଟ ଦେଇଥାଏ। ଚିକିତ୍ସା ବିଜ୍ଞାନ ଭିତରେ ବର୍ତ୍ତମାନର ସମୟକୁ ଦେଖିଲେ ଅନେକଙ୍କର ଏହି ସମସ୍ୟା ଜୀବନ ହାନୀର କାରଣ ହୋଇଥାଏ। ପ୍ରତିବର୍ଷ ଅକ୍ଟୋବର ୨୯ରେ ପାଳନ କରାଯାଏ ୱାର୍ଲଡ଼ ଷ୍ଟ୍ରୋକ ଡେ। ମସ୍ତିଷ୍କାଘାତ ବା ହୃଦ୍‌ଘାତ ବାବଦରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସର ସୃଷ୍ଟି। ୨୦୦୬ରୁ ୱାର୍ଲଡ଼ ଷ୍ଟ୍ରୋକ୍ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଏହା ପାଳନ କରାଯାଉଛି। କାନାଡ଼ିଆନ୍ ନ୍ୟୁରୋସାଇନ୍‌ଟିଷ୍ଟ ଡ.ଭ୍ଲାଦିମିର ହାସିନ୍‌ସ୍କି, ପ୍ରଥମେ ଏଥିପାଇଁ ପ୍ରସ୍ତାବ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ଷ୍ଟ୍ରୋକ୍ ବିଶ୍ୱରେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। ପୃଥିବୀ ବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା ‘ଲାନସେଟ’ର ତଥ୍ୟ ଅନୁଯାୟୀ ବାର୍ଷିକ ପ୍ରାୟ ଦେଢ଼ କୋଟି ମଣିଷ କୌଣସି ନା କୌଣସି ପ୍ରକାରର ଷ୍ଟ୍ରୋକ୍‌କୁ ସାମ୍ନା କରୁଛନ୍ତି। ନିତିଦିନିଆ ଜୀବନରେ ଆମେ ଦେଖିବାକୁ ପାଉଛେ ଅନେକ ଅନଭ୍ୟସ୍ତ ଜୀବନ ଶୈଳୀ ଓ ବେପରୁଆ ଖାଦ୍ୟପେୟ, ବିଶ୍ରାମ ଷ୍ଟ୍ରୋକର ବଡ଼ କାରଣ। ମନେରଖନ୍ତୁ ପ୍ରତିଦିନ ପ୍ରାତଃ ଭ୍ରମଣ ଅଭ୍ୟାସ ଖୁବ ଭଲ। ସର୍ବପ୍ରଥମେ ନିଜ ପାଇଁ ଏକ ଭଲ ରୁଟିନ ଜୀବନ ନିଜେ ହିଁ ତିଆରି କରନ୍ତୁ। ସୁଷମ ଖାଦ୍ୟ, ତଟକା ପନିପରିବା ସବୁଠାରୁ ଭଲ। ଆମିଷ ନଖାଇଲେ ଚଳିବ ତେବେ ଖାଉଥିଲେ ଦେଶୀମାଛ ବା ଦେଶୀ ଅଣ୍ଡା ଖାଆନ୍ତୁ। କୌଣସି ପ୍ରକାର ନିଶାଦ୍ରବ୍ୟ ସହ ସମ୍ପର୍କ ରଖନ୍ତୁ ନାହିଁ। ରାତିରେ ନିଶ୍ଚିତ ଭାବରେ ସାତରୁ ଆଠଘଣ୍ଟା ବିଶ୍ରାମ ନିଅନ୍ତୁ। ସକାଳ ଜଳଖିଆ ଖାଇବା ପାଇଁ ଭୁଲନ୍ତୁ ନାହିଁ। ବଜାରର ତଥାକଥିତ ଫାଷ୍ଟଫୁଡ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ଭଲ ଅଭ୍ୟାସ। ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଆପଣଙ୍କ ପାଇଁ ଅମୃତ ମହୌଷଧି ପରି କାମ କରିଥାଏ ବୋଲି ଭୁଲନ୍ତୁ ନାହିଁ। ରାତ୍ରି ଭୋଜନ ନଅଟା ଭିତରେ ସାରନ୍ତୁ ଏବଂ ବିଶ୍ରାମକୁ ଯିବା ପୂର୍ବରୁ କିଛି ସମୟ ପଦ ଚାଳନା କରନ୍ତୁ।

ଜୀବନ ଅଛି ତ ସମସ୍ୟା ରହିବ ନିଶ୍ଚୟ ତେବେ ଅନାବଶ୍ୟକ ଟେନସନ ରୁହନ୍ତୁ ନାହିଁ କି କାହାକୁ ଟେନସନ ଦିଅନ୍ତୁ ନାହିଁ। ଘଣ୍ଟା ଘଣ୍ଟା ଧରି ସୋସିଆଲ ମିଡ଼ିଆରେ ନିଜକୁ ବ୍ୟସ୍ତ ରଖନ୍ତୁ ନାହିଁ। ନିଜ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ। ନିଜ ପାଇଁ ନିଜ ପରିବାର ପାଇଁ କିଛି ସମୟ ରଖନ୍ତୁ। ଷ୍ଟ୍ରୋକ ସେପରି ଏକ ବିରାଟ ବଡ଼ ରୋଗ ନୁହେଁ ଏବଂ ଏହାର ଚିକିତ୍ସା ମଧ୍ୟ ଆପଣଙ୍କ ହାତରେ ରହିଛି। ନିଜେ ହିଁ ଆପଣ ଏହି ରୋଗକୁ ନିମନ୍ତ୍ରଣ କରିବେ ଏବଂ ନିଜେ ଚାହିଁଲେ ଏହାକୁ ବିଦାୟର ରାସ୍ତା ତ ଦେଖାଇପାରିବେ କିନ୍ତୁ ନିମନ୍ତ୍ରଣ ନଦେବା ପାଇଁ ନିଜେ କିଛି ଉପାଦେୟ ସ୍ୱାସ୍ଥ୍ୟ ରୁଟିନ ନିଜ ପାଇଁ ହିଁ ତିଆରି କରନ୍ତୁ।

କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୨୩୪୪୩, E-mail : drprafulldas007@gmail.com

ଶିକ୍ଷା ଖୋଲେ ସମ୍ଭାବନାର ନୂଆ ଦ୍ୱାର

ଅଲତାଫ୍ ମିର୍

ସବୁବେଳେ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ପ୍ରାମାଣିକ ତଥ୍ୟ ପାଠ୍ୟପୁସ୍ତକ କିମ୍ବା ଶ୍ରେଣୀଗୃହରୁ ମିଳି ନଥାଏ । ବେଳେବେଳେ ଏମିତି କିଛି ବ୍ୟକ୍ତିବିଶେଷଙ୍କ ଜୀବନୀରୁ ଶିକ୍ଷାର ମୂଲ୍ୟବୋଧ ଜଣାପଡ଼ିଥାଏ, ଯେଉଁମାନେ ଅତି କଠିନ ପରିସ୍ଥିତିରେ ମଧ୍ୟ ନିଜକୁ ସମୟର ଦାସ ନ ଭାବି ନିଜ ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ସଂଘର୍ଷ କରିଥାନ୍ତି । ଖୁସବୁ ମିରଜା ହେଉଛନ୍ତି ଜଣେ ସେହିଭଳି ବ୍ୟକ୍ତିତ୍ୱ ଯାହାଙ୍କ ଜୀବନ ଯାତ୍ରା ଉତ୍ତର ପ୍ରଦେଶର ଆସୋହା ସହରରୁ ଆରମ୍ଭ ହୋଇ ଭାରତର ମହାକାଶ କାର୍ଯ୍ୟକ୍ରମରେ ଭାଗନେବା ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ । ଯେଉଁ ପରିବାର ଝିଅମାନଙ୍କୁ ଆତ୍ମବିଶ୍ୱାସ, ଜ୍ଞାନ ଏବଂ ଉଦ୍ଦେଶ୍ୟବୋଧ ସହିତ ବଢ଼ାଇବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଖୁସବୁ ମିରଜାଙ୍କ କାହାଣୀ ବିଶେଷ ଭାବରେ ପ୍ରାସଙ୍ଗିକ ।

ଖୁସବୁ ଆପ୍ରୋହାର ମହଲ୍ଲା ଚାଗୋରୀରେ ବଢ଼ିଛନ୍ତି ଏବଂ ୧୯୮୫ ମସିହାରେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା ଯେତେବେଳେ ତାଙ୍କୁ ମାତ୍ର ସାତ ବର୍ଷ ହୋଇଥିଲା । ତାଙ୍କ ମାଆ ଫରହାତ ମିରଜା ଦୁର୍ବଳ ଆର୍ଥିକ ପରିସ୍ଥିତିରେ ତିନି ପିଲାଙ୍କୁ ପାଳନ କରିବାକୁ ବାଧ ହୋଇଥିଲେ । ଏଭଳି ପରିସ୍ଥିତିରେ ପାଠପଢ଼ା ଜାରି ରଖିବା ଅନେକଙ୍କ ପାଇଁ ଅସମ୍ଭବ ହୋଇଥାଏ । କିନ୍ତୁ କୌଣସି ସହଜ ରୋଜଗାରର ପନ୍ଥା ନଥିଲେ ମଧ୍ୟ ଫରହାତ ନିଜର ଆର୍ଥିକ ଓ ପାରିବାରିକ ସମସ୍ୟାକୁ ତାଙ୍କ ପିଲାମାନଙ୍କ ପାଠପଢ଼ାରେ କଣ୍ଟା ସାଜିବାକୁ ଦେଇନଥିଲେ । ଏଥିରୁ ପ୍ରମାଣ ଯେ ଅନେକ ସମୟରେ ମହିଳା ସଶକ୍ତିକରଣ କୌଣସି କାର୍ଯ୍ୟସ୍ଥଳରେ ଯୋଗଦେବାର ବହୁ ଆଗରୁ ଆରମ୍ଭହୋଇଥାଏ । ଏହା ଘରେ ଆରମ୍ଭ ହୋଇଥାଏ ଯେତେବେଳେ ପିତାମାତା ବିଶ୍ୱାସ ରଖନ୍ତି ଯେ କଷ୍ଟକର ପରିସ୍ଥିତି ଥିଲେ ମଧ୍ୟ ଝିଅଙ୍କ ଶିକ୍ଷାରେ ନିବେଶ କରିବା ଉଚିତ । ଯଦିଓ ପରିବାର ଲୋକ ଜାଣିନଥାନ୍ତି ଯେ ଶିକ୍ଷା ଶେଷରେ ଜଣେ ପିଲାକୁ ନେଇ କେଉଁଠି ପହଞ୍ଚାଇବ, କିନ୍ତୁ ଶିକ୍ଷାରୁ ସମ୍ପୂର୍ଣ୍ଣ ବଞ୍ଚିତ କରିବା ଅର୍ଥ ପିଲା ନିଜ ଦକ୍ଷତା ବିଷୟରେ ଜାଣିବା ପୂର୍ବରୁ ସୁଯୋଗର ସବୁ ଦ୍ୱାର ବନ୍ଦ କରିଦେବା ।ଆଟ୍ରୋହାରେ ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରିବା ପରେ ଖୁସବୁ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ଇଲେକ୍‌ଟ୍ରୋନିକ୍ସ ଇଞ୍ଜିନିୟରିଂ ପଢୁଥିଲେ ଏବଂ ୨୦୦୬ ମସିହାରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ । ପରେ ସେ ଭାରତୀୟ ମହାକାଶ ଗବେଶଣା ସଂସ୍ଥା (ଇସ୍‌ରୋ)ରେ ଯୋଗ ଦେଇଥିଲେ ଏବଂ ୨୦୦୮ ମସିହାରେ ଚନ୍ଦ୍ରୟାନ-୧ ମିଶନର ଏକ ମୁଖ୍ୟ ଅଂଶ ଥିଲେ । ଏକ ଛୋଟ ସହରରେ ବଢ଼ିଥିବା ଜଣେ ଝିଅ ଭାରତର ମହାକାଶ କାର୍ଯ୍ୟକ୍ରମରେ ଯୋଗଦେବା ପାରିପାର୍ଶିକ ପରିସ୍ଥିତିର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରୁଛି ଯାହା ଅକ୍ଲାନ୍ତ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ ହୋଇଛି । କିନ୍ତୁ ତାଙ୍କ ଜୀବନ ଯାତ୍ରାର ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ପରବର୍ତ୍ତୀ ପିଢ଼ିକୁ କି ବାର୍ତ୍ତା ଦେଉଛି । ଯେତେବେଳେ ଜଣେ ସଫଳ ମହିଳା ନିଜ ସହରକୁ ଫେରି ଛାତ୍ରଛାତ୍ରୀମାନଙ୍କ ସହିତ କଥା ହୁଅନ୍ତି, ତାଙ୍କର ସଫଳତା କେବଳ ତାଙ୍କ ଚାକିରି ବା କ୍ୟାରିୟରରେ ସୀମିତ ନଥାଏ, ଏହାର ମହତ୍ତ, ତାଠାରୁ ଅଧିକ । ଶ୍ରେଣୀଗୃହରେ ବସିଥିବା ଝିଅ ପାଇଁ, ଜଣେ ମହିଳା ବୈଜ୍ଞାନିକଙ୍କ ଉପସ୍ଥିତି ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ବାସ୍ତବିକ ରୂପ ଦେବାର ସମ୍ଭାବନା ସୃଷ୍ଟି କରିଥାଏ ।ଶିକ୍ଷାର ଗୁରୁତ୍ୱ ନିଯୁକ୍ତି ଠାରୁ ମଧ୍ୟ ବହୁ ଉର୍ଦ୍ଧ୍ୱରେ । ଜଣେ ଭଲ ଶିକ୍ଷିତ ବ୍ୟକ୍ତି ନିଜ ଚତୁଃପାର୍ଶ୍ୱର ପରିସ୍ଥିତିକୁ ବୁଝିବା, ଅବିଶ୍ୱସନୀୟ ତଥ୍ୟ ସମ୍ବନ୍ଧରେ ପ୍ରଶ୍ନ କରିବା ଏବଂ ପ୍ରକୃତ ଜ୍ଞାନ ଏବଂ ଭାବନାତ୍ମକ ଦାବି ମଧ୍ୟରେ ପାର୍ଥକ୍ୟ ଚିହ୍ନଟ କରିବାରେ ଅଧିକ ସକ୍ଷମ ହୋଇଥାନ୍ତି



। ଆଜିର ସୋସିଆଲ୍ ମିଡିଆ ଯୁଗରେ ଏହି ପାର୍ଥକ୍ୟକୁ ବୁଝିବା ଅତ୍ୟନ୍ତ ଆବଶ୍ୟକ । ଆଜିର ଯୁବକମାନେ ଶିକ୍ଷା ଓ ଗଠନମୂଳକ ତଥ୍ୟ ବ୍ୟତୀତ ସୋସିଆଲ୍ ମିଡିଆରେ ଭୁଲ୍ ତଥ୍ୟ, ଷଡ଼ଯନ୍ତ୍ର ସମ୍ବନ୍ଧୀୟ ଧାରଣା, ସାମ୍ପ୍ରଦାୟିକ ଉତ୍ତ ?ଜନା ଏବ

ଆଞ୍ଚଳିକ ସମୟ

ଗୁରୁବାର, ୧୯ ନଭେମ୍ବର ୨୦୨୬, ଭୁବନେଶ୍ୱର Thursday,19 November 2026, Bhubaneswar



ମହାରାଷ୍ଟ୍ରରେ ବଢୁଛି ବହି ରାଜନୀତି

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ସୋନିଆ ଗାନ୍ଧୀଙ୍କ ପୁସ୍ତକକୁ ନେଇ ମହାରାଷ୍ଟ୍ରରେ ରାଜନୀତି ଉଷ୍ମ ହେବାରେ ଲାଗିଛି । ସିନ୍ଦେ ଶିବସେନାର ସଦସ୍ୟ ବୀର ସାଭରକରଙ୍କ ଉପରେ ତାଙ୍କର ମନ୍ତବ୍ୟକୁ ବିରୋଧ କରି ଏକ ସାମ୍ବାଦିକ ସମ୍ମିଳନୀରେ ପୁସ୍ତକର ପୃଷ୍ଠା ଚିରି ଦେଇଛନ୍ତି । ଏହା ସହ ସିନ୍ଦେ ଶିବସେନା ପୁସ୍ତକରେ ବୀର ସାଭରକରଙ୍କୁ ଅପମାନିତ କରିବା ପ୍ରସଙ୍ଗ ଉଠାଇ ଉଦ୍ଧବ ଠାକରେଙ୍କୁ ଟାର୍ଗେଟ କରିଛି । ପୁସ୍ତକର ପୃଷ୍ଠା ୨୦୧ରେ ସୋନିଆ ଗାନ୍ଧୀ ଲେଖିଛନ୍ତି ଯେ, ବୀର ସାଭରକର ଲଗାତାର ବ୍ରିଟିଶ ସରକାରଙ୍କୁ କ୍ଷମା ମାଗୁଥିଲେ । ଶିବସେନା ନେତାମାନେ କହିଛନ୍ତି ଯେ, ପୁସ୍ତକର ୪୪୩ ପୃଷ୍ଠା ମଧ୍ୟ ସାଭରକର, ଆରଏସଏସ ଏବଂ ବିଜେପି ବିରୋଧରେ ଏକ ମିଥ୍ୟା କାହାଣୀ ପ୍ରସାର କରିବା ପାଇଁ ବ୍ୟବହାର କରାଯାଇଛି । ଏହି ପୁସ୍ତକକୁ ଉଦ୍ଧବ ଠାକରେ ଗ୍ରହଣ କରିଥିଲେ । ପୂର୍ବରୁ ବାଲାସାହେବ ଠାକରେ ସ୍ୱାଧୀନତା ବୀର ସାଭରକରଙ୍କୁ ଅପମାନିତ କରିବା ପାଇଁ ମଣି ଶଙ୍କର ଆୟାରଙ୍କ ଫଟୋକୁ ଚପଲରେ ମାଡ଼ କରିଥିଲେ । ଆଜି କଂଗ୍ରେସ ଦଳ ସାଭରକରଙ୍କୁ ଅପମାନ କରୁଛି । ମାତ୍ର ଉଦ୍ଧବ ଠାକରେ ଏବେ ବି ସେମାନଙ୍କ ସହିତ ମେଣ୍ଟରେ ଅଛନ୍ତି । ତୁମକୁ ଆମର ପ୍ରଶ୍ନ ହେଉଛି, ତୁମର କ'ଣ ସୋନିଆ ଗାନ୍ଧୀଙ୍କ ଫଟୋ ଉପରେ ଚପଲ ଫିଙ୍ଗିବାର ସାହସ ଅଛି କି ? ତୁମେ କ'ଣ ସୋନିଆଙ୍କୁ କ୍ଷମା ମାଗିବାକୁ ବାଧ୍ୟ କରି ପାରିବ କଂଗ୍ରେସ ଦଳ ବାଲାସାହେବ ଠାକରେଙ୍କ ପୁଣ୍ୟତିଥିରେ ତାଙ୍କୁ ମନେ ପକାଇ ନଥିଲା । ତୁମେ ସେହି କଂଗ୍ରେସ ଦଳ ପ୍ରତି ସ୍ନେହ ପ୍ରଦର୍ଶନ କରୁଛ । ଏହା କ'ଣ ପ୍ରେମର ଯାତ୍ରା ନା ପ୍ରେମ ଜିହାଦର ଯାତ୍ରା ସୋନିଆ ଗାନ୍ଧୀ, ଇଟାଲୀକୁ ଫେରିଯାଅ । ତାଙ୍କର ପୁସ୍ତକ ପ୍ରେମର ଯାତ୍ରା ନୁହେଁ, ବରଂ ଘୃଣାର ଯାତ୍ରା ।। ସୋନିଆ ଗାନ୍ଧୀ ସବୁବେଳେ କ୍ରାନ୍ତିକାରୀଙ୍କୁ ଘୃଣା କରିଆସିଛନ୍ତି । ସେ ସବୁବେଳେ ହିନ୍ଦୁମାନଙ୍କୁ ଘୃଣା କରିଆସିଛନ୍ତି ବୋଲି ସିନ୍ଦେ ଶିବସେନା ଅଭିଯୋଗ କରିଛି ।

ଭାରତର ଅର୍ଥନୀତିକୁ ନେଇ ରାହୁଲଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଆମେରିକା ଗସ୍ତରେ ଥିବା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବୟାନକୁ ନେଇ ଦେଶର ରାଜନୀତି ସରଗରମ ହୋଇଛି । ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେବା ସମୟରେ ରାହୁଲ ଗାନ୍ଧୀ ଭାରତର ଅର୍ଥନୈତିକ ସ୍ଥିତି ଏବଂ ନିର୍ବାଚନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏଥିସହ ଭୋଟ ଚୋରି ଅଭିଯୋଗ ଦୋହରାଇ ନିର୍ବାଚନ କମିସନଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି । ତେବେ ରାହୁଲଙ୍କ ଏଭଳି ବୟାନକୁ ନେଇ ବିଜେପି ତାଙ୍କୁ ଘେରିଛି । ବିଦେଶ ମାଟିରେ ଭାରତର ଛବି ଖରାପ କରିବାକୁ ରାହୁଲ ଉଦ୍ୟମ କରୁଥିବା ବିଜେପି ଅଭିଯୋଗ କରିଛି ।ପଶ୍ଚିମବଙ୍ଗର ମନ୍ତ୍ରୀ ତଥା ବିଜେପି ନେତା ଦିଲୀପ ଘୋଷ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜଣେ ଦୃଷ୍ଟିବାଧିତ ବ୍ୟକ୍ତି ସ୍ପଷ୍ଟ ଦିବାଲୋକରେ ମଧ୍ୟ ଅନ୍ଧାର ଦେଖିଥାଏ । ଆଜି ଭାରତର ଜିଡିପି ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି ଏବଂ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ରେକର୍ଡ ସ୍ତରରେ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ସୁରକ୍ଷିତ ରହିଛି ଏବଂ ଗତ ୧୨ ବର୍ଷ ଧରି ଲୋକମାନେ ଖୁସିରେ ଅଛନ୍ତି । କେବଳ କ୍ଷମତା ପାଇଁ ଲାଳାୟିତ ଲୋକମାନେ ଅସନ୍ତୁଷ୍ଟ ଅଛନ୍ତି। ଦେଶରେ



ସେମାନଙ୍କ କଥା କେହି ଶୁଣୁନଥିବାରୁ ସେମାନେ ନିଜ ମତ ରଖିବା ପାଇଁ ବିଦେଶ ଯାଉଛନ୍ତି ବୋଲି ଦିଲୀପ ଘୋଷ କହିଛନ୍ତି ।ସେହିପରି ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ମଧ୍ୟ ରାହୁଲଙ୍କ ବୟାନକୁ ନେଇ ସମାଲୋଚନା କରିଛନ୍ତି । ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକର ମୂଲ୍ୟାଙ୍କନକୁ ଉଦ୍ଧୃତ କରି ସେ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଭାରତରେ ଆର୍ଥିକ ବିପର୍ଯ୍ୟୟ ଚାଲିଥିବା କଥା କହୁଥିବାବେଳେ ସମଗ୍ର ବିଶ୍ୱ ଭାରତକୁ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବା ଅର୍ଥନୀତି ଭାବେ ସ୍ୱୀକାର କରୁଛି । ଭାରତୀୟ ଗଣତନ୍ତ୍ରକୁ ମଧ୍ୟ ବିଶ୍ୱସ୍ତରରେ ସମ୍ମାନ ମିଳୁଛି ।ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ପ୍ରଦୀପ ଭଣ୍ଡାରୀ ରାହୁଲ ଗାନ୍ଧୀଙ୍କୁ ଭାରତ ବିରୋଧୀ ପ୍ରଚାରର ନେତା ବୋଲି ଆଖ୍ୟା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ରାହୁଲ ଯେତେବେଳେ ବିଦେଶ ଗସ୍ତରେ ଯାଆନ୍ତି, ସେତେବେଳେ ଭାରତୀୟ ଗଣତନ୍ତ୍ର ଏବଂ ଅର୍ଥନୀତି ବିରୋଧରେ ମନ୍ତବ୍ୟ ଦେଇଥାନ୍ତି । ରାହୁଲ ନିଜେ ଭାରତୀୟ ବ୍ୟବସ୍ଥା ବିରୋଧରେ ଥିବା କଥା ସ୍ୱୀକାର କରୁଛନ୍ତି । ତେଣୁ ତାଙ୍କର ପ୍ରତ୍ୟେକ ବିଦେଶ ଗସ୍ତରେ ଏଭଳି ମନ୍ତବ୍ୟ ସାମ୍ନାକୁ ଆସୁଛି ବୋଲି ସେ ଅଭିଯୋଗ କରିଛନ୍ତି ।ଅନ୍ୟପକ୍ଷରେ, ରାହୁଲ ଗାନ୍ଧୀଙ୍କ ଆମେରିକା ଗସ୍ତ ସମୟରେ ଦେଶର ଅର୍ଥନୈତିକ ସ୍ଥିତି, ନିର୍ବାଚନୀ ବ୍ୟବସ୍ଥା ଏବଂ ଗଣତନ୍ତ୍ରକୁ ନେଇ ଦିଆଯାଇଥିବା ମନ୍ତବ୍ୟ ଏବେ ରାଜନୈତିକ ବିତର୍କକୁ ଆହୁରି ତୀବ୍ର କରିଛି । ଏହାକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଆଗକୁ ଆହୁରି ବଢ଼ିବାର ସମ୍ଭାବନା ରହିଛି ।

ଉତ୍ତର ପ୍ରଦେଶ ପୁଲିସ ଉପରକୁ କେହି ଆଖି ଉଠାଇ ଦେଖିପାରିବେ ନାହିଁ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଉତ୍ତର ପ୍ରଦେଶର ଆଇନଶୃଙ୍ଖଳା ପରିସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଥିବା ଦାବି କରି ବର୍ତ୍ତମାନ ରାଜ୍ୟ ପୁଲିସକୁ କେହି ଚ୍ୟାଲେଞ୍ଜ କିମ୍ବା ଭୟଭୀତ କରିବାକୁ ସାହସ କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର କହିଛନ୍ତି। 'ରାଇଜିଂ ଭାରତ ସମ୍ମିଳନୀ' ରେ ଯୋଗୀ ପୂର୍ବତନ ସମାଜବାଦୀ ପାର୍ଟି ସରକାରର କାର୍ଯ୍ୟକାଳକୁ ତୀବ୍ର ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମାଜବାଦୀ ପାର୍ଟି ଶାସନ ସମୟର ଏକ ଘଟଣାକୁ ମନେପକାଇ କହିଛନ୍ତି ଯେ, ସେତେବେଳେ ଜଣେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ (ଡିଏସପି) ଙ୍କୁ ଏକ କାରର ବନେଟ୍ ଉପରେ ବସାଇ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ଚଲାଯାଇଥିଲା। କିନ୍ତୁ ଏବେ ସମୟ ବଦଳିଛି ଏବଂ ଉତ୍ତର ପ୍ରଦେଶ ପୁଲିସ ଉପରକୁ କେହି ଆଖି ଉଠାଇ ଦେଖିପାରିବେ ନାହିଁ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ବର୍ତ୍ତମାନ ପୁଲିସ ବିନା କୌଣସି ଚାପ କିମ୍ବା ଭୟରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିପାରୁଛି।୨୦୧୭ ମସିହା ପୂର୍ବରୁ ସମାଜବାଦୀ ପାର୍ଟି ସରକାର ସମୟରେ ରାଜ୍ୟରେ ଦଙ୍ଗା ଏକ ସାଧାରଣ ଘଟଣାରେ ପରିଣତ ହୋଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟର ବିକାଶ ପାଇଁ ଅପରାଧୀ ଓ ମାଫିଆମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ଥିଲା ଏବଂ ବିଜେପି ସରକାର ବିକାଶ ପାଇଁ ମାଫିଆରାଜକୁ ସମ୍ପୂର୍ଣ୍ଣ ଦମନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଶାସନର ଏହି କଠୋର ଅଭିମୁଖ୍ୟ ଯୋଗୁଁ ଉତ୍ତର ପ୍ରଦେଶର ଆଇନଶୃଙ୍ଖଳା ବ୍ୟବସ୍ଥାରେ ସୁଧାର ଆସିବା ସହ ସୁଶାସନ ପ୍ରତିଷ୍ଠା ହୋଇପାରିଛି ବୋଲି ସେ ମତ ଦେଇଛନ୍ତି।



ହୁତି ବିଦ୍ରୋହୀଙ୍କ ୬୦ଟି ସାମରିକ ଠିକଣା ମାଟିରେ ମିଶିଲା

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ୟେମେନରେ ସକ୍ରିୟ ହୁତି ବିଦ୍‌ରୋହୀଙ୍କ ଅଣ୍ଡା ଭାଙ୍ଗିବାକୁ ସାଉଦି ଆରବ ନେତୃତ୍ୱାଧୀନ ସାମରିକ ମେଣ୍ଟ ବୁଧବାର ଦେଶର ପଶ୍ଚିମାଞ୍ଚଳରେ ଭୟଙ୍କର ବିମାନ ଆକ୍ରମଣ କରିଛି। ଏହି ସାମରିକ ଅଭିଯାନରେ ବିଦ୍ରୋହୀ ଗୋଷ୍ଠୀର ୬୦ଟି ପ୍ରମୁଖ ସାମରିକ ଠିକଣାକୁ ସମ୍ପୂର୍ଣ୍ଣ ଧ୍ୱଂସ କରାଯାଇଥିବା ମେଣ୍ଟ ପକ୍ଷରୁ ଦାବି କରାଯାଇଛି। ହୁତି ବିଦ୍ରୋହୀଙ୍କ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଡ୍ରୋନ୍ ନେଟୱର୍କ ଏବଂ ଲୋହିତ ସାଗର ଅଞ୍ଚଳରେ ସୃଷ୍ଟି ହେଉଥିବା ସାମୁଦ୍ରିକ ବିପଦକୁ ପ୍ରତିହତ କରିବା ପାଇଁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।ମେଣ୍ଟର ସାମରିକ ମୁଖପାତ୍ର ତୁର୍କୀ ଅଲ୍ ମାଲିକି ସୂଚନା ଦେଇଛନ୍ତି ଯେ, ରାଜଧାନୀ ସାନା, ଉପକୂଳବର୍ତ୍ତୀ ହୋଦେଇଦା, ଉତ୍ତରାଞ୍ଚଳର ଅମରାନ୍ ଏବଂ ସାଉଦି ସୀମାକୁ ଲାଗି ରହିଥିବା ସାଦା ପ୍ରଦେଶରେ ଏହି ଟାର୍ଗେଟେଡ୍ ଆକ୍ରମଣ କରାଯାଇଛି। ରିୟାଦ ସମର୍ଥିତ ବାହିନୀ ମୁତାବକ, ପାର୍ବତ୍ୟ ଅଞ୍ଚଳରେ କ୍ଷେପଣାସ୍ତ୍ର ଲୁଚାଇ ରଖିବା ପାଇଁ ତିଆରି ହୋଇଥିବା ଗୁପ୍ତ ଭୂତଳ ସୁଡ଼ଙ୍ଗ ଏବଂ ଡ୍ରୋନ୍ ନିର୍ମାଣ କାରଖାନାଗୁଡ଼ିକୁ ବୋମାମାଡ଼ କରି ଉଡ଼ାଇ ଦିଆଯାଇଛି। ଅନ୍ୟପକ୍ଷରେ, ଏହି ଆକ୍ରମଣର ଗୋଟିଏ ଦିନ ପୂର୍ବରୁ ହୋଦେଇଦା ପ୍ରଦେଶର ଏକ ସ୍ୱଞ୍ଚା କାରଖାନା ଉପରେ ବୋମାମାଡ଼ ହୋଇଥିବା ହୁତି ପ୍ରଶାସନ ଅଭିଯୋଗ କରିଥିଲା। ବିଦ୍‌ରୋହୀ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ଅନିସ୍ ଅଲ୍ ଅସବାହିଙ୍କ କହିବା ଅନୁଯାୟୀ, ଉକ୍ତ ଘଟଣାରେ ସାମ୍ବାଦିକ ଓ ଡାକ୍ତରୀ କର୍ମଚାରୀଙ୍କ ସମେତ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୧୩ ଜଣ ଗୁରୁତର ଆହତ ହୋଇଥିଲେ। ଏହା ପୂର୍ବରୁ ମଧ୍ୟ ସାନା, ହୋଦେଇଦା ଓ ସାଦାରେ ହୋଇଥିବା ବିମାନ ଆକ୍ରମଣରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୯ ଜଣ ଆହତ ହୋଇଥିଲେ। ତେବେ ବୁଧବାର ହୋଇଥିବା ଏହି ସଦ୍ୟତମ ଆକ୍ରମଣରେ କେତେ ଜଣ ମୃତାହତ ହୋଇଛନ୍ତି, ସେନେଇ ହୁତି ଗୋଷ୍ଠୀ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ନିର୍ଦ୍ଦୋଷ ପ୍ରାଣୀଙ୍କ ହତ୍ୟା ପାପ, ଏହାକୁ ବନ୍ଦ କରାଯାଉ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଧର୍ମ ନାମରେ ପ୍ରାଣୀଙ୍କର ନିର୍ମମ ହତ୍ୟା ବନ୍ଦ କରିବା ନେଇ ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ହିନ୍ଦୁ ଶାସ୍ତ୍ରରେ ବଳିଦାନର ପ୍ରକୃତ ଅର୍ଥ ହେଉଛି ଅହଂକାର, ଅଜ୍ଞତା ଏବଂ ଦୁଷ୍ଟ ପ୍ରବୃତ୍ତିକୁ ତ୍ୟାଗ କରିବା, ପ୍ରାଣୀଙ୍କୁ ହତ୍ୟା ନୁହେଁ। ଧାର୍ମିକ ପରମ୍ପରା ନାମରେ ପ୍ରାଣୀଙ୍କର ନିର୍ମମ ହତ୍ୟା ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନକାରୀ କୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଶୁଣାଣି ସମୟରେ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ହିନ୍ଦୁ ଶାସ୍ତ୍ରର ମୌଳିକ ଭାବନା ହେଉଛି ଜୀବଜନ୍ତୁଙ୍କ ପ୍ରତି କରୁଣା ଏବଂ ଅହିଂସା। ଅଥର୍ବବେଦ, ସାମବେଦ ଏବଂ ଯଜୁର୍ବେଦରେ କୁହାଯାଇଛି ଯେ, ନିର୍ଦ୍ଦୋଷ ପ୍ରାଣୀଙ୍କୁ ହତ୍ୟା କରିବା ପାପ। ହିନ୍ଦୁ ଦର୍ଶନରେ ଭଗବାନ ପଶୁପତିଙ୍କୁ ପ୍ରାଣୀଙ୍କ ରକ୍ଷକ ଭାବରେ ବିବେଚନା କରାଯାଏ ।ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ନବରାତ୍ରି ଏବଂ ଦୁର୍ଗାପୂଜା ସମୟରେ ଦେବୀ ଦୁର୍ଗା ଏବଂ ମହିଷାସୁରଙ୍କ ମଧ୍ୟରେ ହେଉଥିବା ଯୁଦ୍ଧକୁ ମହିଷ କିମ୍ବା ଅନ୍ୟାନ୍ୟ ପ୍ରାଣୀଙ୍କ ହତ୍ୟା ପାଇଁ ଧାର୍ମିକ ଯଥାର୍ଥତା ଭାବରେ ବିବେଚନା କରାଯାଇପାରିବ ନାହିଁ। ବଳିଦାନର ପ୍ରକୃତ ଆଧ୍ୟାତ୍ମିକ ଅର୍ଥ ହେଉଛି ମାନବ ଅହଂକାର, ଅଜ୍ଞତା, ଲୋଭ, ଗର୍ବ ଏବଂ ପ୍ରାଣୀବାଦୀ ପ୍ରବୃତ୍ତିର ତ୍ୟାଗ। କାଳୀଘାଟ ଏବଂ କାମାକ୍ଷା ଭଳି ମନ୍ଦିରର ଉଦାହରଣ



ଦେଇ ସେ ଦର୍ଶାଇଥିଲେ ଯେ, ଦେବୀଙ୍କୁ ସନ୍ତୁଷ୍ଟ କରିବା ନାମରେ ଛେଳି ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କ ହତ୍ୟା ହିନ୍ଦୁ ଧର୍ମର ମୂଳ ଆଧ୍ୟାତ୍ମିକ ଭାବନାର ବିପରୀତ। ଅନିୟନ୍ତ୍ରିତ ପ୍ରାଣୀଙ୍କ ହତ୍ୟା ଜନସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ, ଯାହା ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମଣର ବିପଦ ବୃଦ୍ଧି କରେ। ଆବେଦନରେ କୋଭିଡ୍-୧୯, ଏଚ୧ଏନ୧ ଏବଂ ସ୍ୱାଇନ୍ ଫ୍ଲୁକୁ ଉଲ୍ଲେଖ କରାଯାଇଥିଲା। ମାମଲାରେ ପଶ୍ଚିମବଙ୍ଗରେ ବ୍ରୁସେଲା ସଂକ୍ରମଣ ପାଇଁ ସେରୋପୋଜିଟିଭ୍ ପରୀକ୍ଷା କରୁଥିବା ୬୯୯ ପ୍ରାଣୀ ପରିଚାଳନାକାରୀଙ୍କ ମଧ୍ୟ ଉଦାହରଣ ଦିଆଯାଇଥିଲା। ଏଥିରେକୁହାଯାଇଥିଲା, ପ୍ରାଣୀ ରକ୍ତ ଏବଂ ମଇଳା ଜଳ ଉତ୍ସକୁ ପ୍ରଦୂଷିତ କରିପାରେ ଏବଂ ମାଂସ ଦ୍ୱାରା ସୃଷ୍ଟି ହେଉଥିବା ମଇଳାର ଅନୁପଯୁକ୍ତ ନିଷ୍କାସନ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ।ସମ୍ବିଧାନର ଧାରା ୨୧ ଆଧାରରେ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ପ୍ରାଣୀଙ୍କ ସୁରକ୍ଷାକୁ ଜୀବନ ଏବଂ ପରିବେଶ ସୁରକ୍ଷାର ସାମ୍ବିଧାନିକ ନୀତି ମଧ୍ୟରେ ବିଚାର କରାଯିବା ଉଚିତ୍। ପାରେନ୍ସ ପାଟ୍ରିଆର ନୀତିର ଉଲ୍ଲେଖ କରି ସେ ଯୁକ୍ତି ଦେଇଥିଲେ ଯେ, କୋର୍ଟଗୁଡ଼ିକ ସ୍ୱରହୀନ ପ୍ରାଣୀଙ୍କ ରକ୍ଷକ ଭାବରେ କାର୍ଯ୍ୟ କରିପାରିବେ ଯେଉଁମାନେ ନିଜ ଅଧିକାର ପାଇଁ କହିପାରନ୍ତି ନାହିଁ। ଏହା ସହ ଜଳ ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ ଆଇନ ଏବଂ ପରିବେଶ ସୁରକ୍ଷା ଆଇନର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସତୀ ଏବଂ ବାଲ୍ୟବିବାହ ଭଳି କୁପ୍ରଥାର ଉଦାହରଣ ଦେଇ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, କେବଳ ଏକ ଧାର୍ମିକ ପରମ୍ପରାକୁ ସାମ୍ବିଧାନିକ ମୂଲ୍ୟବୋଧର ବିପରୀତ ବୋଲି ଦର୍ଶାଇ ଏହାକୁ ଜାରି ରଖିବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏପରି ଯୁକ୍ତି ସତ୍ତ୍ୱେ, ପ୍ରାଣୀଙ୍କ ନିର୍ମମ ହତ୍ୟାକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

ସରକାରଙ୍କୁ ଘେରିଲେ ସୋନମ ୱାଙ୍ଗଚୁକ୍

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଜଣେ ଦେଶପ୍ରେମୀ ନାଗରିକଙ୍କୁ ଜେଲ୍‌ରେ ରଖିବା ଓ ଗୃହବନ୍ଦୀ କରିବା ପାଇଁ ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ଅନ୍ୟପଟେ ସୀମାର ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଅର୍ଥ ମିଳୁନାହିଁ। ଏଭଳି ଅଭିଯୋଗ ଆଣି ସରକାରଙ୍କୁ ଘେରିଛନ୍ତି ଲଦାଖର ପରିବେଶବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍।ବୁଧବାର ଏକ ଭିଡିଓ ବାର୍ତ୍ତା ଜାରି କରି ୱାଙ୍ଗଚୁକ୍ କହିଛନ୍ତି, ତାଙ୍କୁ ଛଅ ମାସ ଯୋଧପୁର ଜେଲ୍‌ରେ ରଖିବା ପାଇଁ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏବେ ତାଙ୍କୁ ଘରେ ଗୃହବନ୍ଦୀ ରଖିବା ପାଇଁ ମଧ୍ୟ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଦାବି କରିଛନ୍ତି। ତାଙ୍କ କହିବା ଅନୁସାରେ, ଘର ବାହାରେ ୨୦ରୁ ୨୫ ଜଣ ସୁରକ୍ଷାକର୍ମୀ ଓ ୧୨ରୁ ୧୫ଟି ଗାଡ଼ି ମୁତୟନ ହୋଇଛି। ସେମାନଙ୍କ ଦରମା, ଗାଡ଼ି ଖର୍ଚ୍ଚ ଓ ଅନ୍ୟାନ୍ୟ ବ୍ୟୟକୁ ମିଶାଇଲେ ଏତେ ଟଙ୍କା ଖର୍ଚ୍ଚ ହେବ ବୋଲି ସେ ହିସାବ ଦେଇଛନ୍ତି। ୱାଙ୍ଗଚୁକ୍ ଆହୁରି କହିଛନ୍ତି, ଲଦାଖର ବାସିନ୍ଦା ହୋଇଥିବାରୁ ତାଙ୍କୁ ଆୟକର ଛାଡ଼ ମିଳିଛି। ତଥାପି ଦେଶର ବିକାଶରେ ଯୋଗଦାନ ଦେବାକୁ ସେ ନିୟମିତ ଟିକସ ଦେଇଆସୁଥିଲେ। କିନ୍ତୁ ଟିକସ ଟଙ୍କାର ଏଭଳି ବ୍ୟବହାର ଦେଖି ସେ ଆଉ ଟିକସ ଦେବେ କି ନାହିଁ, ତାହା ଭାବିବାକୁ ବାଧ୍ୟ ହୋଇଛନ୍ତି। ସୀମାରେ ଯବାନଙ୍କୁ ଉନ୍ନତ ସୁବିଧା, ପିଲାଙ୍କୁ ଭଲ ସ୍କୁଲ ଓ ରୋଗୀଙ୍କୁ ଭଲ ଡାକ୍ତରଖାନା ଦରକାର ବୋଲି ସେ କହିଛନ୍ତି। ଶେଷରେ ଲୋକଙ୍କୁ ପ୍ରଶ୍ନ କରିଛନ୍ତି, ଟିକସ ଦେବା ବନ୍ଦ କରିଦେବେ ନା ସମସ୍ତେ ଏକାଠି ହୋଇ ଆଗାମୀ ନିର୍ବାଚନରେ ସରକାର ବଦଳାଇବାକୁ ଉଦ୍ୟମ କରିବେ ତେବେ ଏହି ସମସ୍ତ ଖର୍ଚ୍ଚ ନେଇ ୱାଙ୍ଗଚୁକ୍? ନିଜ ପକ୍ଷରୁ ଅଭିଯୋଗ ଓ ଆକଳନ ରଖିଛନ୍ତି।

ଭାରତଠାରୁ ଯୁଦ୍ଧାସ୍ତ୍ର କିଣିବ ଫିଲିପାଇନ୍ସ !

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ବିଶ୍ୱ ବଜାରରେ ବଢୁଛି ଭାରତର ଯୁଦ୍ଧାସ୍ତ୍ର ଡିମାଣ୍ଡ। ବ୍ରହ୍ମୋସ କ୍ଷେପଣାସ୍ତ୍ର ପରେ ବହୁ ଅସ୍ତ୍ରଶସ୍ତ୍ର ଭାରତଠାରୁ କିଣିବାକୁ ଯୋଜନା କରୁଛି ଫିଲିପାଇନ୍ସ। ବାୟୁସେନାର ସୁରକ୍ଷାଠାରୁ ଆରମ୍ଭ କରି ସ୍ଥଳସେନା ଓ ନୌସେନାର ଶକ୍ତି ବୃଦ୍ଧି ପର୍ଯ୍ୟନ୍ତ, ଭାରତ ସହ ଏକ ବଡ଼ ପ୍ରତିରକ୍ଷା ସହଯୋଗ ଯୋଜନା ଉପରେ ଆଗକୁ ବଢୁଛି ଫିଲିପା



୩୦,୦୦୦ ରୁ ଅଧିକ ମୂଲ୍ୟର ଏୟାରଟେଲ ଇନସାଇଡର ରିୱାର୍ଡ ଜାଣନ୍ତୁ

ଭୁବନେଶ୍ୱର, ୧୮।୧୧ (ନି.ପ୍ର): ପ୍ରିମିୟମ ସବସ୍କ୍ରିପସନ ଓ ସଫିଡିଲ ଠାରୁ ଆରମ୍ଭ କରି ଯାତ୍ରା, ଖାଇବାପିଇବା ଓ ମନୋରଞ୍ଜନ ପର୍ଯ୍ୟନ୍ତ, ପ୍ରମୁଖ ବ୍ରାଣ୍ଡଗୁଡ଼ିକର ଅଫରକୁ ଏୟାରଟେଲ ଇନସାଇଡର ଗୋଟିଏ ସ୍ଥାନରେ ଏକାଠି ଆଣିଛି। ଆପଣଙ୍କ ଏୟାରଟେଲ କନେକ୍ସନ କେବଳ କନେକ୍ଟିଭିଟି ଦିଏ ନାହିଁ, ବରଂ ଏୟାରଟେଲ ଗ୍ରାହକ ହେବାକୁ ଅଧିକ ଲାଭଦାୟକ କରିଥାଏ। ଏୟାରଟେଲ ଇନସାଇଡର ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ବ୍ରାଣ୍ଡ ଓ ଅନୁଭୂତିରେ ୩୦,୦୦୦ ରୁ ଅଧିକ ମୂଲ୍ୟର ରିୱାର୍ଡ ଓ ଅଫର ପାଇପାରିବେ, ଯାହାକୁ ସେମାନେ ନିଜ ଦୈନନ୍ଦିନ ଜୀବନରେ ବ୍ୟବହାର କରି ଉପଭୋଗ କରିପାରିବେ। ଏୟାରଟେଲ ଇନସାଇଡର ପଛର ଚିନ୍ତାଧାରା ସରଳ: ଏୟାରଟେଲ ଗ୍ରାହକ ହେବା ଦ୍ୱାରା କେବଳ କନେକ୍ଟେଡ ରହିବା ସହିତ ଅତିରିକ୍ତ ସୁବିଧା ମଧ୍ୟ ମିଳିବା ଉଚିତ। ଡୁଓଲିଙ୍ଗୋରେ ନୂଆ ଭାଷା ଶିଖିବା ହେଉ, କ୍ରୋମାରେ ଗ୍ୟାଜେଟ କିଣିବା ହେଉ, ସିନେପୋଲିସରେ ସିନେମା ଦେଖିବା ହେଉ କିମ୍ବା ପକେଟ ଏଫଏମରେ ସଙ୍ଗୀତ ଶୁଣିବା ଏବଂ ଆହୁରି ଅନେକ କିଛି ହେଉ, ଗ୍ରାହକମାନେ ନିଜ ପସନ୍ଦ ଓ



ଆବଶ୍ୟକତା ଅନୁସାରେ ସୁବିଧା ଖୋଜିପାରିବେ।

ବର୍ତ୍ତମାନ ଚାଲୁ ଥିବା ସମସ୍ତ ଅଫର ରିଡିମ କରି ଗ୍ରାହକମାନେ ୩୦,୦୦୦ ରୁ ଅଧିକ ମୂଲ୍ୟର ରିୱାର୍ଡ ପାଇପାରିବେ। ନୂଆ କିଛି ଶିଖିବା, ଗ୍ୟାଜେଟ ଅପଗ୍ରେଡ କରିବା, ପରବର୍ତ୍ତୀ ଛୁଟିର ଯୋଜନା କରିବା କିମ୍ବା ବାହାରେ ଖାଇବା ଉପଭୋଗ କରିବା, ଏସବୁରେ ଏୟାରଟେଲ ଇନସାଇଡର ଗ୍ରାହକଙ୍କୁ ନିଜ ନିଜନ୍ଦିନ ଖର୍ଚ୍ଚରୁ ଅଧିକ ସୁବିଧା ପାଇବାର ଆହୁରି ଅଧିକ ଉପାୟ ଦିଏ। ଆରମ୍ଭ କରିବା ଖୁବ ସହଜ। ଯୋଗ୍ୟ ଏୟାରଟେଲ ମୋବାଇଲ ଓ ଏୟାରଟେଲ ହୋମ ଗ୍ରାହକମାନେ ଏୟାରଟେଲ ଆପ ଖୋଲି ଏୟାରଟେଲ ଇନସାଇଡର ସେକ୍ସନକୁ ଯାଇ ମିଳୁଥିବା ଅଫରଗୁଡ଼ିକୁ ଦେଖିପାରିବେ। ସେମାନେ ନିଜ ପସନ୍ଦର ସୁବିଧା ବାଛି ଅଫରର ଶର୍ତ୍ତ ଅନୁସାରେ ରିଡିମ କରିପାରିବେ। ଏୟାରଟେଲ ଇନସାଇଡର ପୂର୍ବରୁ ପ୍ରମୁଖ ବ୍ରାଣ୍ଡଗୁଡ଼ିକ ସହ ସହଭାଗିତା କରି ଗ୍ରାହକମାନଙ୍କୁ ଲିଙ୍କଡଇନ ପ୍ରିମିୟମ ସବସ୍କ୍ରିପସନ, ଇଜିଡାଇନର ଓ ମେକମାଇଟ୍ରିପ ମେମ୍ବରସିପ ଭଳି ସୁବିଧା ଦେଇଛି। ଗ୍ରାହକଙ୍କ ସହ ସମ୍ପର୍କରେ ଅଧିକ ମୂଲ୍ୟ ଯୋଗ କରିବାର ଏହା ଏୟାରଟେଲର ଆଉ ଏକ ଉପାୟ, ଯାହା ଏୟାରଟେଲ ସହ କନେକ୍ସନକୁ ଅନେକ ଦିଗରୁ ଲାଭଦାୟକ କରିଥାଏ।

ବାତ୍ୟା ଅକଓ୍ୱାନର ମୁକାବିଲା ପାଇଁ ଟିପିଏସ୍ଓଡିଏଲ୍ ପ୍ରସ୍ତୁତ


ବ୍ରହ୍ମପୁର, ୧୮।୧୧ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଅକଓ୍ୱାନ' ଏବଂ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଟିପିଏସ୍ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍) ଏହାର ୮ଟି ଜିଲ୍ଲାର କାର୍ଯ୍ୟକ୍ଷେତ୍ରରେ ପ୍ରସ୍ତୁତିକୁ ଜୋରଦାର କରିଛି । କମ୍ପାନୀ ତରଫରୁ 'ବ୍ୟବସାୟ ନିରନ୍ତରତା ଓ ବିପର୍ଯ୍ୟୟ ପରିଚାଳନା ଯୋଜନା' କାର୍ଯ୍ୟକାରୀ କରାଯାଇଛି। ବିଦ୍ୟୁତ ଭିତ୍ତିଭୂମିର ସୁରକ୍ଷା ଏବଂ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ କର୍ମଚାରୀ, ଜରୁରିକାଳୀନ ଉପକରଣ, ଆବଶ୍ୟକୀୟ ସାମଗ୍ରୀ ଏବଂ କଣ୍ଟ୍ରୋଲ୍ ରୁମ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଗତ ଅକ୍ଟୋବର ମାସରେ ହୋଇଥିବା ବାତ୍ୟା 'ଅର୍ଣ୍ଣବ' ଏବଂ ପରବର୍ତ୍ତୀ ଭୟଙ୍କର ବନ୍ୟା ସମୟର ଅଭିଜ୍ଞତାକୁ ଆଧାର କରି ଟିପିଏସ୍ଓଡିଏଲ୍ କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିଛି। ଏଥିରେ ମାନବ ସମ୍ବଳ ନିୟୋଜନ, ଜରୁରିକାଳୀନ ସାମଗ୍ରୀ ପରିବହନ, ଉପକରଣ ମୁତୟନ, ନେଟୱର୍କ ତଦାରଖ ଏବଂ ଗ୍ରାହକ ସହାୟତା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟିପିଏସ୍ଓଡିଏଲ୍ ଏହାର କାର୍ଯ୍ୟକ୍ଷେତ୍ରରେ ୬,୪୭୪ ଜଣ କର୍ମଚାରୀଙ୍କୁ ନେଇ ଏକ ଡିଭିଜନ-ସ୍ତରୀୟ ନିୟୋଜନ ଯୋଜନା ପ୍ରସ୍ତୁତ କରିଛି। ଏହା ବ୍ୟତୀତ ପ୍ରାୟ ୮୦୦ କୁଶଳୀ ଓ ଅଣକୁଶଳୀ ପ୍ରୋଜେକ୍ଟ କର୍ମଚାରୀ ଉପଲବ୍ଧ ଅଛନ୍ତି ଏବଂ ଆବଶ୍ୟକ ପଡ଼ିଲେ ତୁରନ୍ତ ଯୋଗଦେବା ପାଇଁ ଆଉ ୪୦୦ କର୍ମଚାରୀଙ୍କୁ ଷ୍ଟାଣ୍ଡବାଇ ଭାବେ ରଖାଯାଇଛି। ଆବଶ୍ୟକ ହେଲେ ଓଡ଼ିଶାରେ ଥିବା ଅନ୍ୟ ଟାଟା ପାୱାର ବିତରଣ କମ୍ପାନୀଗୁଡ଼ିକରୁ ମଧ୍ୟ ଅତିରିକ୍ତ କର୍ମଚାରୀ ଅଣାଯାଇପାରିବ। ଏହି ନିୟୋଜନ ଯୋଜନା ଟିପିଏସ୍ଓଡିଏଲ୍ ଅଧୀନରେ ଥିବା ସମସ୍ତ ୮ଟି ଜିଲ୍ଲା- ଗାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଏବଂ ବୌଦ୍ଧକୁ ଅନ୍ତର୍ଭୁକ୍ତ କରୁଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କର୍ମଚାରୀମାନଙ୍କୁ ଶୀଘ୍ର ପହଞ୍ଚାଇବା ଏବଂ ପାଣିପାଗ ଓ ପରିସ୍ଥିତି ଅନୁକୂଳ ହେବା ମାତ୍ରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ଫିଲ୍ଡ ଟିମ୍ ଏବଂ ଅପରେସନାଲ ୟୁନିଟ୍‌ଗୁଡ଼ିକ ମଧ୍ୟରେ ସମନ୍ୱୟ ରଖାଯାଉଛି। ଜରୁରିକାଳୀନ ମୁକାବିଲା କ୍ଷମତା ବୃଦ୍ଧି କରିବା ପାଇଁ ଟିପିଏସ୍ଓଡିଏଲ୍ ୪ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବଷ୍ଟେସନ୍ ଏବଂ ୩୫୮ଟି ଗାଡ଼ି ପ୍ରସ୍ତୁତ ରଖିଛି। ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ଅସ୍ଥାୟୀ ବିଦ୍ୟୁତ



ଯୋଗାଣ ବ୍ୟବସ୍ଥା କରିବାରେ ଏହି ମୋବାଇଲ୍ ସବଷ୍ଟେସନ୍‌ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିବ। ଜରୁରିକାଳୀନ ଉପକରଣ ମଧ୍ୟରେ ରାତି ସମୟରେ କାର୍ଯ୍ୟ କରିବା ପାଇଁ ୨୫ଟି ଆସ୍କା ଲାଇଟ୍, ୧୯ଟି ଡିଜେଲ୍ ଜେନେରେଟର ସେଟ୍ ଏବଂ ଉପୁଡ଼ିପଡ଼ିଥିବା ଗଛର ଡାଳ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ହଟାଇବା ପାଇଁ ୬୯ଟି ମାନୁଆଲ୍ ଓ ମୋଟରଚାଳିତ ଗଛ କଟା ଯନ୍ତ୍ର ରଖାଯାଇଛି। ଏହା ସହିତ ୧୧ କେଭି ଏବଂ ୩୩ କେଭି ନେଟୱର୍କରେ ତ୍ରୁଟି ଚିହ୍ନଟ କରିବା ଏବଂ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ କେବୁଲ୍ ଫଲ୍ଟ ଲୋକେଟର୍ ମଧ୍ୟ ଉପଲବ୍ଧ ରଖାଯାଇଛି। କ୍ଷତିଗ୍ରସ୍ତ ନେଟୱର୍କ ଭିତ୍ତିଭୂମିର ମରାମତି ଓ ପରିବର୍ତ୍ତନ ପାଇଁ ଟିପିଏସ୍ଓଡିଏଲ୍ ପର୍ଯ୍ୟାପ୍ତ ପରିମାଣର ବୈଦ୍ୟୁତିକ ସାମଗ୍ରୀ ମହଜୁଦ ରଖିଛି। ଏହି ସାମଗ୍ରୀ ତାଲିକାରେ ୩୦ଟି ପାୱାର ଟ୍ରାନ୍ସଫର୍ମର, ୧୭୬ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର, ୨,୮୦୫ ସର୍କିଟ୍ କିଲୋମିଟର ବେୟାର କଣ୍ଡକ୍ଟର, ୨୫୪ ସର୍କିଟ୍ କିଲୋମିଟର ଏଲ୍‌ଟି ଏରିଆଲ୍-ବଞ୍ଚଡ୍ କେବୁଲ୍ ଏବଂ ୧୧୩ ସର୍କିଟ୍ କିଲୋମିଟର ଏଚ୍‌ଟି ଏକ୍ସଏଲ୍‌ପିଇ କେବୁଲ୍ ରହିଛି। କ୍ଷେତ୍ରସ୍ତରରେ ସାମଗ୍ରୀର ତୁରନ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ୫ଟି ମୁଖ୍ୟ ଷ୍ଟୋର୍ ସହାୟତାରେ ୧୬ଟି ଟ୍ରାଟ୍ ଷ୍ଟୋର୍ ର ବ୍ୟବସ୍ଥା କରାଯାଇଛି। ବ୍ରହ୍ମପୁରର ଆୟଗଡ଼ସ୍ଥିତ କେନ୍ଦ୍ରୀୟ ଜରୁରିକାଳୀନ ନିୟନ୍ତ୍ରଣ କେନ୍ଦ୍ର ଟିପିଏସ୍ଓଡିଏଲ୍‌ର ପାୱାର ସିଷ୍ଟମ୍ କଣ୍ଟ୍ରୋଲ୍ ସେଣ୍ଟର ମାଧ୍ୟମରେ ୨୪ ଘଣ୍ଟିଆ ତଦାରଖ ଏବଂ ଜରୁରିକାଳୀନ କାର୍ଯ୍ୟକୁ ସମନ୍ୱୟ କରିବ। ଜୟପୁର, ରାୟଗଡ଼ା ଏବଂ ଭନଗରରେ ଥିବା ଏରିଆ ପାୱାର ସିଷ୍ଟମ୍ କଣ୍ଟ୍ରୋଲ୍ ସେଣ୍ଟର ସହିତ ସର୍କଲ୍ ଏବଂ ଡିଭିଜନ୍ ସ୍ତରୀୟ କଣ୍ଟ୍ରୋଲ୍ ରୁମ୍‌ଗୁଡ଼ିକ ସ୍ଥାନୀୟ ତଦାରଖ ଓ କ୍ଷେତ୍ରସ୍ତରୀୟ ସମନ୍ୱୟରେ ସହାୟତା କରିବେ। ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲା ସ୍ତରୀୟ ସଂଯୋଜନା ରକ୍ଷା ପୂର୍ବକ ଜରୁରିକାଳୀନ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ସହିତ ଘନିଷ୍ଠ ସମ୍ପର୍କ ରଖିବେ। ନେଟୱର୍କ ସ୍ଥିତି ଉପରେ ନଜର ରଖିବା ଏବଂ ପୁନରୁଦ୍ଧାର ଆବଶ୍ୟକତା ପରିଚାଳନା କରିବା ପାଇଁ କମ୍ପାନୀ ସଂଯୁକ୍ତ ବିଦ୍ୟୁତ କ୍ଷେତ୍ର ସହ ଜଡ଼ିତ ସଂସ୍ଥାଗୁଡ଼ିକ ସହିତ ମଧ୍ୟ ସମନ୍ୱୟ ରକ୍ଷା କରିବ। ବାତ୍ୟା ସମୟରେ ଗ୍ରାହକମାନଙ୍କୁ ଠିକ୍ ସମୟରେ ସୂଚନା ଦେବା ପାଇଁ ଟିପିଏସ୍ଓଡିଏଲ୍ ଏହାର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ଗ୍ରାହକମାନେ ବିଦ୍ୟୁତ ସମ୍ବନ୍ଧୀୟ ଜରୁରିକାଳୀନ ସୂଚନା ଟିପିଏସ୍ଓଡିଏଲ୍‌ର ୨୪୬୭ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୧୨ କିମ୍ବା ୧୮୦୦ ୨୦୨୬ ମାଧ୍ୟମରେ ଜଣାଇପାରିବେ। ଏହା ବ୍ୟତୀତ ଅଭିଯୋଗ ପାକରଣ ପାଇଁ ଏନ୍‌ପିଏସ୍ ମିସ୍ଡ-କଲ୍ ସୁବିଧା ୯୭୭୭୭୪୬୯୯ ନମ୍ବରରେ ମଧ୍ୟ ଉପଲବ୍ଧ ରହିଛି।

ଆଇସିଆଇସିଆଇ ଲାଇଫ୍ ସିଗ୍‌ନେଚର ପେନ୍‌ସନ୍ ଅବସରକାଳୀନ ଯୋଜନା ସହିତ ପରବର୍ତ୍ତୀ ପିଢ଼ିକୁ ସମ୍ପତ୍ତି ହସ୍ତାନ୍ତର କରିବାର ସୁବିଧା ପ୍ରଦାନ କରେ

ମୁମ୍ବାଇ, ୧୮।୧୧ (ନି.ପ୍ର): ଆଇସିଆଇସିଆଇ ଲାଇଫ୍ ସିଗ୍‌ନେଚର ପେନ୍‌ସନ୍ ବ୍ୟକ୍ତିବିଶେଷଙ୍କୁ ବଜାର ସହ ସଂଯୁକ୍ତ ରିଟର୍ଣ୍ଣ ମାଧ୍ୟମରେ ସମ୍ପତ୍ତି ଗଠନ କରିବାରେ ସକ୍ଷମ କରିଥାଏ, ଏହା ସହିତ ଟିକସମୁକ୍ତ ଉତ୍ତରାଧିକାର ଯୋଜନା ପାଇଁ ମଧ୍ୟ ଏକ ବିକଳ୍ପ ପ୍ରଦାନ କରିଥାଏ। ୯୦ ବର୍ଷ ପର୍ଯ୍ୟନ୍ତ ଭେଷ୍ଟିଂ ବୟସ ସହିତ, ଜଣେ ବ୍ୟକ୍ତି ନିଜର ୪୦ ବର୍ଷ ବୟସରେ ମଧ୍ୟ ଏହି ଯୋଜନା ଆରମ୍ଭ କରିପାରିବେ ଏବଂ କମ୍ପାଉଣ୍ଡିଂର ଶକ୍ତିକୁ ବ୍ୟବହାର କରିବା ପାଇଁ ଦୀର୍ଘ ସମୟ ଧରି ନିବେଶ ଜାରି ରଖିପାରିବେ। ଉତ୍ପାଦ ସମ୍ପର୍କରେ ମତ ଦେଇ ଆଇସିଆଇସିଆଇ ଲାଇଫ୍ ଇନସୁରାନ୍ସର ଚିଫ୍ ପ୍ରଡକ୍ଟ ଅଫିସର ଶ୍ରୀ ବିକାଶ ଗୁପ୍ତା କହିଛନ୍ତି, "ଅବସର ଏବଂ ଉତ୍ତରାଧିକାର ଯୋଜନା ଗୋଟିଏ ପରେ ଗୋଟିଏ ଆସିଥାଏ। ଏଥିସହିତ, ଏହି ଆର୍ଥିକ ଯୋଜନାଗୁଡ଼ିକ ଜଟିଳ ହୋଇପାରେ ଏବଂ ଏଥିରେ ଟିକସ ସମ୍ବନ୍ଧୀୟ ପ୍ରଭାବ ମଧ୍ୟ ରହିପାରେ। ଆଇସିଆଇସିଆଇ ଲାଇଫ୍ ସିଗ୍‌ନେଚର ପେନ୍‌ସନ୍ ଏହି ଦୁଇଟି ସମସ୍ୟାର ସମାଧାନ ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଉତ୍ପାଦଟି ଗ୍ରାହକଙ୍କ ଦ୍ୱାରା ଚୟନ କରାଯାଇପାରୁଥିବା ବିଭିନ୍ନ ପାଣ୍ଠି ବିକଳ୍ପ ସହିତ ଏକ ବଜାର-ସଂଯୁକ୍ତ କର୍ପସ୍ (ପାଣ୍ଠି) ଗଠନ କରିବାରେ ସାହାଯ୍ୟ କରେ। ଅବସର ସମୟରେ, କର୍ପସର ୬୦% ପର୍ଯ୍ୟନ୍ତ ଟଙ୍କା ଟିକସମୁକ୍ତ ଭାବରେ ଉଠାଯାଇପାରିବ, ଯାହାକୁ ଉତ୍ତରାଧିକାର ଭାବରେ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରାଯାଇପାରିବ ଏବଂ ବାକି ଥିବା ଅର୍ଥକୁ ଆନ୍ୟୁଇଟି ଉତ୍ପାଦ କ୍ରୟ କରିବା ପାଇଁ ବ୍ୟବହାର କରାଯାଇପାରିବ, ଯାହା ଅବସର ପାଇଁ ଆଜୀବନ ନିଶ୍ଚିତ ଆୟ ପ୍ରଦାନ କରିବ।" ଦୀର୍ଘକାଳୀନ



ସମ୍ପତ୍ତି ସୃଷ୍ଟି ଏବଂ ବଜାର-ସଂଯୁକ୍ତ ରିଟର୍ଣ୍ଣକୁ ନିରବଚ୍ଛିନ୍ନ ଭାବରେ ମିଶ୍ରଣ କରି, ଏହି ଯୋଜନା ଗ୍ରାହକ ଏବଂ ସେମାନଙ୍କ ପ୍ରିୟଜନଙ୍କ ପାଇଁ ଅବସର ଏବଂ ଉତ୍ତରାଧିକାର ଯୋଜନା ପାଇଁ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରେ। ଆଇସିଆଇସିଆଇ ଲାଇଫ୍ ସିଗ୍‌ନେଚର ପେନ୍‌ସନ୍ ଗ୍ରାହକମାନଙ୍କୁ ଏକ ମୃତ୍ୟୁ କାଳୀନ ସୁବିଧା ମଧ୍ୟ ପ୍ରଦାନ କରେ, ଯାହା ପ୍ରଦାନ କରାଯାଇଥିବା ମୋଟ ପ୍ରିମିୟମର ୧୦୫% କିମ୍ବା ପାଣ୍ଠି ମୂଲ୍ୟ ମଧ୍ୟରୁ ଯାହା ଅଧିକ ତାହା ପ୍ରଦାନ କରାଯାଏ। ତେଣୁ, ପଲିସିଧାରୀଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ହେଲେ ମଧ୍ୟ, ଯୋଜନା ଅଧୀନରେ ଥିବା ନାମିନି ମୃତ୍ୟୁ କାଳୀନ ସୁବିଧା ପାଇଥାନ୍ତି। ଯଦି ପଲିସି ଯୁଗ୍ମ ଜୀବନ ଆଧାରରେ ନିଆଯାଇଥାଏ, ତେବେ ଏହି ଯୋଜନା ପ୍ରାଥମିକ ବୀମାଧାରୀଙ୍କ ମୃତ୍ୟୁ ପରେ ପ୍ରିମିୟମ ଛାଡ଼ କରିବାର ସୁବିଧା ପ୍ରଦାନ କରେ, ଯାହାଫଳରେ ଦ୍ୱିତୀୟ ବୀମାଧାରୀଙ୍କ ପାଇଁ ପଲିସି ଜାରି ରହେ। ଏପରି କ୍ଷେତ୍ରରେ ମୃତ୍ୟୁ କାଳୀନ ସୁବିଧା ଦ୍ୱିତୀୟ ବୀମାଧାରୀଙ୍କ ମୃତ୍ୟୁ ପରେ ନାମିନିଙ୍କୁ ପ୍ରଦାନ କରାଯାଏ। ଏହିପରି ଭାବରେ, ପଲିସିରୁ ମିଳୁଥିବା ଅର୍ଥ ଉତ୍ତରାଧିକାର ଭାବରେ କାମ କରିପାରିବ ଏବଂ ଗ୍ରାହକମାନଙ୍କୁ ଏକାଧିକ ପାଣ୍ଠି ବିକଳ୍ପ ସହିତ ୧୦୦% ପର୍ଯ୍ୟନ୍ତ ଇକ୍ୱିଟି ମାର୍କେଟ ଏକ୍ସପୋଜର ସହିତ ଏକ ବଜାର-ସଂଯୁକ୍ତ ରିଟର୍ଣ୍ଣ ସୁବିଧା ପ୍ରଦାନ କରିଥାଏ। ଏଥିରେ ପ୍ରିମିୟମ୍ ପେମେଣ୍ଟ ବିକଳ୍ପ ଏବଂ ପଲିସି ଅବଧିର ବିଭିନ୍ନ ବିକଳ୍ପ ମଧ୍ୟ ରହିଛି, ଯାହା ୯୦ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରିବ, ଯାହା ଗ୍ରାହକମାନଙ୍କୁ ସେମାନଙ୍କର ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟ ପାଇଁ ସହଜରେ ଯୋଜନା କରିବାରେ ସାହାଯ୍ୟ କରେ। ଗ୍ରାହକମାନେ ଏକାଧିକ ନାମିନୀଙ୍କୁ ମନୋନୀତ କରିପାରିବେ ଏବଂ ପ୍ରତ୍ୟେକ ନାମିନୀଙ୍କ ପାଇଁ ପଲିସି ଲାଭର ଅଂଶ ନିର୍ଦ୍ଦିଷ୍ଟ କରିପାରିବେ, ଯାହା ସେମାନଙ୍କର ଉତ୍ତରାଧିକାର କିପରି ବଣ୍ଟନ କରାଯିବ ତାହାକୁ ଏକ ସୁସଂଗଠିତ ରୂପ ଦେଇଥାଏ। ଏହି ଉତ୍ପାଦଟି ସେହି ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ନିଜ ପ୍ରିୟଜନଙ୍କ ପାଇଁ ଏକ ଆର୍ଥିକ ଭିତ୍ତିଭୂମି ସୃଷ୍ଟି କରିବାକୁ ଚାହାଁନ୍ତି ଏବଂ ଏହା ସୁନିଶ୍ଚିତ କରନ୍ତି ଯେ ମନୋନୀତ ବ୍ୟକ୍ତିମାନେ ପଲିସିର ସୁବିଧା ପାଇବେ।

ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮।୧୧ (ନି.ପ୍ର) : ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲ (ୟୁଜିଆଇଏସ୍) ର ଶିକ୍ଷାଗତ ଦୃଷ୍ଟିକୋଣର କେନ୍ଦ୍ରରେ ପରମହଂସ ଯୋଗାନନ୍ଦଙ୍କ ଦ୍ୱାରା ଅନୁପ୍ରାଣିତ ଏହାର ସ୍ୱତନ୍ତ୍ର 'କିପରି ବଂଚିବା' ପାଠ୍ୟକ୍ରମ ରହିଛି । ଏହି ପାଠ୍ୟକ୍ରମ ଚାରୋଟି ସ୍ତମ୍ଭ ଉପରେ ନିର୍ମିତ ହୋଇଛି: ଶରୀର ଯତ୍ନ ବିଜ୍ଞାନ ଏବଂ ବ୍ୟବହାରିକ ଦକ୍ଷତା, ଯାହା ଶାରୀରିକ ସୁସ୍ଥତା, ଆତ୍ମ-ଯତ୍ନ ଏବଂ ବ୍ୟବହାରିକ ଜୀବନ ଦକ୍ଷତାକୁ ପ୍ରୋତ୍ସାହିତ କରେ; ମାନସିକ ଇନିୟରିଂ, ଯାହା ଏକାଗ୍ରତା, ଭାବପ୍ରବଣ ସନ୍ତୁଳନ ଏବଂ ଚିନ୍ତାଧାରାର ସ୍ପଷ୍ଟତାକୁ ବିକଶିତ କରେ; ସାମାଜିକ କଳା, ଯାହା ସହାନୁଭୂତି, ସହଯୋଗ, ଯୋଗାଯୋଗ ଏବଂ ସାମାଜିକ ଦାୟିତ୍ୱକୁ ପୋଷଣ କରେ ଏବଂ ପ୍ରୟୋଗାତ୍ମକ ଆଧ୍ୟାତ୍ମିକ ବିଜ୍ଞାନ, ଯାହା ଆତ୍ମ-ସଚେତନତା, ଆଭ୍ୟନ୍ତରୀଣ ଅନୁଶାସନ ଏବଂ



ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକ ମୂଲ୍ୟବୋଧର ଅଭ୍ୟାସକୁ ଉତ୍ସାହିତ କରେ। ଦର୍ଶନ ବିଷୟରେ ଆଲୋଚନା କରି ଉତ୍କଳ ଗୌରବ ଇଂଟରନ୍ୟାସନାଲ ସ୍କୁଲର ସଭାପତି ଡକ୍ଟର ପ୍ରଦୀପ ସେଠୀ କହିଛନ୍ତି, 'ଆମେ ପ୍ରାୟତଃ ମାର୍କ, ଡିଗ୍ରୀ ଏବଂ ବୃତ୍ତଗତ ସଫଳତା ମାଧ୍ୟମରେ ଶିକ୍ଷାକୁ ମାପ କରିଥାଉ, କିନ୍ତୁ ଶିକ୍ଷାର ପ୍ରକୃତ ପରୀକ୍ଷା ହେଉଛି ଜଣେ ବ୍ୟକ୍ତି କିପରି ଜୀବନଯାପନ କରେ, ଆହ୍ୱାନର ପ୍ରତିକ୍ରିୟା କରେ ଏବଂ ସମାଜରେ କିପରି ଯୋଗଦାନ କରେ । 'କିପରି ବଂଚିବା' ପାଠ୍ୟକ୍ରମ ମାଧ୍ୟମରେ, ଆମର ପ୍ରୟାସ ହେଉଛି ଏପରି ପିଲାମାନଙ୍କୁ ପ୍ରତିପୋଷଣ କରିବା ଯେଉଁମାନେ କେବଳ ଜ୍ଞାନୀ ଏବଂ ଉଚ୍ଚାଭିଳାଷୀ ନୁହଁନ୍ତି ବରଂ ଦୟାଳୁ, ଶୃଙ୍ଖଳିତ ଏବଂ ଅନ୍ୟମାନଙ୍କ ପ୍ରତି ସେମାନଙ୍କର ଦାୟିତ୍ୱ ପ୍ରତି ସଚେତନ ମଧ୍ୟ ଅଟନ୍ତି । ଏହାର ଚାରୋଟି ସ୍ତମ୍ଭ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଶିଶୁର ବିକାଶ ନିଶ୍ଚିତ ଭାବରେ ଶରୀର, ମନ, ସାମାଜିକ ଆଚରଣ ଏବଂ ଆଭ୍ୟନ୍ତରୀଣ ଜୀବନକୁ ଏକତ୍ର ସମାଧାନ କରିବା ଆବଶ୍ୟକ । ପରମହଂସ ଯୋଗାନନ୍ଦଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ବିଶ୍ୱାସ କରୁ ଯେ ଆଧ୍ୟାତ୍ମିକ ଅଭିବୃଦ୍ଧି ଏବଂ ସାଂସାରିକ ଅଭିଳାଷ ପରସ୍ପରକୁ ପରିପୂର୍ଣ୍ଣ କରିପାରିବ । ଆମେ ଚାହୁଁ ଯେ ପିଲାମାନେ ସେମାନଙ୍କର ମୂଲ୍ୟବୋଧକୁ ଭୁଲି ନଯାଇ ଉତ୍କର୍ଷତା ଅନୁସରଣ କରନ୍ତୁ ଏବଂ ବୁଝିବା ଯେ ସଫଳତାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଏହା କିପରି ମାନବିକତାର ସେବା କରିପାରିବ।

ଜାୱା, ୟେ



ଡେଲାଙ୍ଗ ପ୍ରେସ୍ କ୍ଲବ ଓ ଶିକ୍ଷକଙ୍କୁ ସମ୍ମାନିତ

ଡେଲାଙ୍ଗ,୧୮।୧୧ (ନି.ପ୍ର) : ପିପିଲି ଖଣ୍ଡିଆଗିରି ସ୍ଥିତ ମାଣିକ ଗାର୍ଡେନ ଠାରେ ପିପିଲି ସାମ୍ବାଦିକ ସଂଘ, ପିପିଲି ପ୍ରେସ କ୍ଲବ ଓ ଉତ୍କଳମଣି ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ହୋଇଥିଲା । ପିପିଲି ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଅବସରପ୍ରାପ୍ତ ଅଧ୍ୟାପିକା ଡ଼ ପ୍ରତିଭା ମହାରଥୀ, ପିସିସି ସଂପାଦକ ପ୍ରିୟବ୍ରତ ସାମନ୍ତରାୟ, ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର, ସାଧାରଣ ସଂପାଦକ ବେଣୁଧର ପଣ୍ଡା, ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଧରେନ୍ଦ୍ର ନାଥ ଦାସ, ପ୍ରସନ୍ନ କୁମାର ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ନାରୀନେତ୍ରୀ ନିରୁପମା ପାତ୍ରଙ୍କ ସମେତ ବହୁମାନ୍ୟଗଣ୍ୟ ସାମ୍ବାଦିକ, ବୁଦ୍ଧିଜିବୀ, ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବୀ, ସାହିତ୍ୟିକ, କବି, ଲେଖକ, କଳାକାର, ସମାଜସେବୀ, କ୍ରୀଡାବିତ୍ ଓ ମେଧାବୀ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ୪୮ ଜଣଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା । ଡେଲାଙ୍ଗ ବ୍ଲକରୁ ଡେଲାଙ୍ଗ ପ୍ରେସ କ୍ଲବର ସଦସ୍ୟ ମାନଙ୍କୁ ଉତ୍ତରୀୟ ଓ ମେଡାଲ ଦେଇ ସମ୍ମାନିତ କରାଯାଇଥିବା ବେଳେ ଡେଲାଙ୍ଗ ଉନ୍ନୀତ ଉଚ ପ୍ରାଥମିକ



ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସାମ୍ବାଦିକ ବିଜୟ କୁମାର ମହାପାତ୍ର ଅତିଥି ପରିଚୟ, ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଶ୍ରୀ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

ଓଡ଼ିଶାରେ ଶିଳ୍ପ ନେତୃତ୍ୱ, ନୂଆ ଉଦ୍ଭାବନ ଏବଂ ସାମାଜିକ ବିକାଶର ୧୧ ବର୍ଷ ପୂର୍ତ୍ତି ପାଳନ କରୁଛି ଟାଟା ଷ୍ଟିଲ୍ କଳିଙ୍ଗନଗର

କଳିଙ୍ଗନଗର,୧୮।୧୧ (ନି.ପ୍ର) : ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍?କେ) ଏହାର ସଫଳ ଯାତ୍ରାର ୧୧ ବର୍ଷ ପୂର୍ତ୍ତି ପାଳନ କରୁଛି । ଓଡ଼ିଶାରେ ଶିଳ୍ପର ବିକାଶ, ନୂଆ ପ୍ରଯୁକ୍ତିବିଦ୍ୟା ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବା କ୍ଷେତ୍ରରେ ଏହା ଏକ ବଡ଼ ସଫଳତା । ୨୦୧୫ ମସିହାରେ ଆରମ୍ଭ ହୋଇଥିବା ଏହି କାରଖାନା ସ୍ଥାନୀୟଅଞ୍ଚଳର ଶିଳ୍ପ ଚିତ୍ରକୁ ବଦଳାଇ ଦେଇଛି । ଏହା ସହିତ ଉତ୍ତମ କାର୍ଯ୍ୟଦକ୍ଷତା, କର୍ମକ୍ଷେତ୍ରରେ ସୁରକ୍ଷା ଏବଂ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନରେ ନୂଆ ଉଦାହରଣ ସୃଷ୍ଟି କରିଛି । ଆରମ୍ଭରେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୩ ଏମଟିପିଏ ଥିଲା। ବର୍ତ୍ତମାନ ୫୦,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ବଳରେ ଏହା ୮ ନିୟୁତ ଟନ୍ (ଏମଟିପିଏ) କ୍ଷମତା ବିଶିଷ୍ଟ ଏକ ବଡ଼ ଇସ୍ପାତ କାରଖାନାରେ ପରିଣତ ହୋଇଛି । ଟାଟା ଷ୍ଟିଲ୍ ଇତିହାସରେ ଏହା ହେଉଛି ସବୁଠାରୁ ବଡ଼ କ୍ଷମତା ବିସ୍ତାର । ଭାରତର ସବୁଠାରୁ ବଡ଼ ଗ୍ଲୁଷ୍ଟ ପର୍ଣ୍ଣ ?ସ୍ ସହିତ ଟିଏସ୍?କେ ୧୦୦ରୁ ଅଧିକ ପ୍ରକାରର ଉଚ୍ଚମାନର ଇସ୍ପାତ ତିଆରି କରୁଛି । ଏହା ଦ୍ୱାରା ବିଦେଶରୁ ଇସ୍ପାତ ଆମଦାନୀ କମିବା ସହ 'ଆତ୍ମନିର୍ଭର ଭାରତ' ଅଭିଯାନ ମଜବୁତ ହେଉଛି । ପୂର୍ବରୁ ଓଡ଼ିଶା କେବଳ ଟାଟା ଷ୍ଟିଲ୍?ର ଜାମସେଦପୁର କାରଖାନାକୁ କଞ୍ଚାମାଲ ଯୋଗାଉଥିଲା । କିନ୍ତୁ ଟିଏସ୍?କେ ପ୍ରତିଷ୍ଠା ହେବା ପରେ ଓଡ଼ିଶାରେ ହିଁ ବିଶ୍ୱସ୍ତରୀୟ ଇସ୍ପାତ ଉତ୍ପାଦନ ସମ୍ଭବ ହୋଇପାରିଛି । ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ଭାରତରେ ଟାଟା ଷ୍ଟିଲ୍?ର ସବୁଠାରୁ ବଡ଼ ନିବେଶ ସ୍ଥଳ ପାଲଟିଛି ଏବଂ ସମଗ୍ର ରାଜ୍ୟରେ କମ୍ପାନୀ ମୋଟ ୧,୦୦,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ୍ ପ୍ରେସିଡେଣ୍ଟ ଅପରେସନ୍ସ ଉତ୍ତମ ସିଂହ କହିଛନ୍ତି, "ଗତ ୧୧ ବର୍ଷ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଉନ୍ନତ କାର୍ଯ୍ୟଶୈଳୀ, ନୂଆ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ ସୁରକ୍ଷା ମାଧ୍ୟମରେ ବିଶ୍ୱସ୍ତରୀୟ ଇସ୍ପାତ ଉତ୍ପାଦନରେ ନୂଆ ମାନଦଣ୍ଡ ତିଆରି କରିଛି । ଏହି ବିକାଶ ଧାରାକୁ ଆଗକୁ ନେଇ, ନିକଟରେ ଓଡ଼ିଶାର ମାନ୍ୟବର



ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଟିଏସ୍?କେରେ ୯,୦୬୭ କୋଟି ଟଙ୍କାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍?ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ପ୍ରାୟ ୧୦,୫୦୦ ଜଣଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରୋଜଗାର ମିଳିବ। ଏହା ସହିତ କାରଖାନାର ଉତ୍ପାଦନ କ୍ଷମତା, କଞ୍ଚାମାଲ ପରିବହନ ବ୍ୟବସ୍ଥା ଏବଂ ସବୁଜ ଭିତ୍ତିଭୂମି ଆହୁରି ମଜବୁତ ହେବ। କୋଲ୍ଡ ରୋଲିଂ ମିଲ୍ ପରିସରରେ ନୂଆ କରି ଉଦ୍?ଘାଟିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଦୁଇଟି କଣ୍ଟିନୁଅସ୍ ଗାଲଭାନାଇଜିଂ ଲାଇନ୍ ଏବଂ ଗୋଟିଏ କଣ୍ଟିନୁଅସ୍ ଆନିଲିଂ ଲାଇନ୍ ରହିଛି । ଅତ୍ୟାଧୁନିକ ଯନ୍ତ୍ରପାତିରେ ତିଆରି ଏହି ଲାଇନ୍?ଗୁଡ଼ିକ ଗାଡ଼ିମୋଟର ଏବଂ ଘରୋଇ ଉପକରଣ ଶିଳ୍ପ ପାଇଁ ଅତ୍ୟନ୍ତ ମଜବୁତ ଓ ଉଚ୍ଚମାନର ଇସ୍ପାତ ତିଆରି କରିପାରିବ। ସେହିପରି ବାର୍ଷିକ ୭ ଏମଟିପିଏ କ୍ଷମତା ବିଶିଷ୍ଟ ଭୂତଳ ସ୍ଥରି ପାଇପଲାଇନ୍ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କଳାମାଙ୍ଗ ଖଣିରୁ କଳିଙ୍ଗନଗର ପର୍ଯ୍ୟନ୍ତ ଲୁହାପଥର ଗୁଣ୍ଡକୁ ସୁରକ୍ଷିତ ଭାବେ ଆଣିବାରେ ସାହାଯ୍ୟ କରିବ। ଏହା ଦ୍ୱାରା ରାସ୍ତା ଓ ରେଳପଥ ଉପରେ ଚାପ କମିବ ଏବଂ ପ୍ରଦୂଷଣ ମଧ୍ୟ ହ୍ରାସ ପାଇବ। ଏହାଛଡ଼ା, ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ର ନୂଆ ୨ଟି୧୮୦୦ ଟନ୍-ପ୍ରତିଦିନ କ୍ଷମତା ବିଶିଷ୍ଟ ଏୟାର୍ ସେପାରେସନ୍ ୟୁନିଟ୍ ଇସ୍ପାତ ତିଆରି ପାଇଁ ଅମ୍ଳଜାନ, ଯବକ୍ଷାରଜାନ ଓ ଆର୍ଗନ୍ ଯୋଗାଇ ଦେବ । ଜରୁରୀକାଳୀନ ସମୟରେ ଏହା ହସ୍ପିଟାଲଗୁଡ଼ିକୁ ମେଡିକାଲ୍ ଅମ୍ଳଜାନ ଯୋଗାଇବା ପାଇଁ ମଧ୍ୟ ପ୍ରସ୍ତୁତ ରହିବ। ପ୍ଲାଣ୍ଟ ମ୍ୟାନୁଫ୍ୟାକ୍ଚରିଂ ଏବଂ ଆଧୁନିକ ଜ୍ଞାନକୌଶଳ ପାଇଁ ଓ୍ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ପକ୍ଷରୁ ଟିଏସ୍କେକୁ 'ଆଡଭାନ୍ସଡ୍ ୪ର୍ଥ ଇଣ୍ଡଷ୍ଟ୍ରିଆଲ୍ ରିଭୋଲ୍ୟୁସନ୍ ଲାଇଟ୍?ହାଉସ୍' ଭାବେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ପାଇବାରେ ଏହା ଭାରତର ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ କାରଖାନା। ୨୦୨୪ ମସିହାରେ ଦାୟିତ୍ୱପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପାଇଁ କାରଖାନାକୁ ସମ୍ମାନଜନକ 'ରେସପନ୍ସିବଲ୍ ଷ୍ଟିଲ୍' ପ୍ରମାଣପତ୍ର ମଧ୍ୟ ମିଳିଛି। କର୍ମକ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁଯୋଗ ଦେବା ଉପରେ ଟିଏସ୍?କେ ଗୁରୁତ୍ୱ ଦେଇଆସୁଛି । କାରଖାନାର ମୋଟ କର୍ମଚାରୀଙ୍କ ମଧ୍ୟରୁ ୩୦ ପ୍ରତିଶତ ହେଉଛନ୍ତି ମହିଳା, ଦିବ୍ୟାଙ୍ଗ, ଏଲ୍?ଜିବିଟିକ୍ୟୁଆଇଏ+ ବର୍ଗ ଏବଂ ପଛୁଆ ବର୍ଗର ଲୋକ। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହ ମିଶି ଗତ ୧୦ ବର୍ଷ ମଧ୍ୟରେ ୧୪ ଲକ୍ଷରୁ ଅଧିକ ଲୋକଙ୍କ ଜୀବନରେ ଉନ୍ନତି ଅଣାଯାଇପାରିଛି । ଲୋୟଲା ସ୍କୁଲ୍ ମାଧ୍ୟମରେ ଭଲ ଶିକ୍ଷା, ୧୦୦ ଶଯ୍ୟା ବିଶିଷ୍ଟ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ୍ ଜରିଆରେ ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ 'ନବଜୀବନ କୋଅପରେଟିଭ୍ ଲିମିଟେଡ୍' ମାଧ୍ୟମରେ ୧୦୦ରୁ ଅଧିକ ସ୍ଥାନୀୟ ମହିଳା କାରିଗରଙ୍କୁ ରୋଜଗାର ଯୋଗାଇ ଦିଆଯାଉଛି । ୧୧ତମ ବାର୍ଷିକୀ ପାଳନ କରିବା ଅବସରରେ, ଟିଏସ୍କେ ସମଗ୍ର ଓଡ଼ିଶାରେ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦନ, ଶିଳ୍ପ ଅଭିବୃଦ୍ଧି ଏବଂ ସମାଜର ବିକାଶକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି ।

ବାତ୍ୟା ଅକଭାନ ପ୍ରଭାବରେ ସମୁଦ୍ର ଅଶାନ୍ତ : ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ରାମଚଣ୍ଡୀ,୧୮/୧୧ (ନି.ପ୍ର) ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ଚନ୍ଦ୍ରଭାଗା ଓ ରାମଚଣ୍ଡୀରେ ବାତ୍ୟା ଅକଭାନ ଉପକୂଳ ଛୁଇଁବା ପୂର୍ବରୁ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି । ବୁଧବାର ଆକାଶ ମେଘାଚ୍ଛନ୍ନ ରହିବା ସହିତ ଅପରାହ୍ନ ରେ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା ଓ କୋହଲା ପାଗ ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାମଚଣ୍ଡୀ ଓ ଚନ୍ଦ୍ରଭାଗା ବଜାର ଏକପ୍ରକାର ଶୂନଶାନ ହୋଇପଡିଥିଲା। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ପର୍ଯ୍ୟଟକମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ବାରଣ କରାଯାଇଛି । ସମୁଦ୍ର ଅଶାନ୍ତ ଥିବାରୁ ଚନ୍ଦ୍ରଭାଗା ନୋଳିଆ ମତ୍ସ୍ୟଜୀବୀଙ୍କୁ ମଧ୍ୟ ସମୁଦ୍ରକୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି ।

ସମ୍ଭାବ୍ୟ ବିପଦକୁ ଏଡ଼ାଇବା ସହ ଧନଜୀବନର ସୁରକ୍ଷା ନିମନ୍ତେ



ପ୍ରଶାସନର ସତର୍କତାମୂଳକ ପଦକ୍ଷେପକୁ ଅନୁସରଣ କରିବା ଏବଂ ଜନସାଧାରଣ ସଚେତନ ରହିବାକୁ ଅନୁରୋଧ କରାଯାଇଛି । । କୋଣାର୍କ ଏନେସି ପକ୍ଷରୁ ସମ୍ଭାବ୍ୟ ବାତ୍ୟାକୁ ନଜରେ ରଖି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖା ଯାଇଛି ।

ପ୍ରାଚୀ ଉପତ୍ୟକାର ଅଁଳା ପୀଠରେ ଅଁଳା ନବମୀ ପାଳିତ

କାକଟପୁର, ୧୮/୧୧ (ନି.ପ୍ର): ପ୍ରାଚୀନ ସଂସ୍କୃତି, ଧାର୍ମିକ ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ଅନନ୍ୟ ପରିଚୟ ବହନ କରୁଥିବା ପ୍ରାଚୀ ଉପତ୍ୟକାରେ ଅବସ୍ଥିତ ଅଁଳା ପୀଠ ଏବେ ଅସ୍ତିତ୍ୱ ସଂକଟର ସମ୍ମୁଖୀନ ହୋଇଛି । ଦୀର୍ଘ ୬୧ ବର୍ଷ ଧରି ଏହି ପୀଠରେ ପୂଜା ପାଇ ଆସୁଥିବା ପବିତ୍ର ଅଁଳା ଗଛ ଏବେ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ଏହାର ସୁରକ୍ଷା ଓ ସଂରକ୍ଷଣକୁ ନେଇ ଏହାର ତତ୍ୱାବଧାରକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍?ବେଗ ପ୍ରକାଶ ପାଇଛି। କାକଟପୁର ଅଞ୍ଚଳ ଦେଇ ପ୍ରବାହିତ ପବିତ୍ର ପ୍ରାଚୀ ନଦୀର ଅବବାହିକାରେ ରହିଥିବା ଏହି ପୀଠ ଦୀର୍ଘ ବର୍ଷ ଧରି ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ହୋଇ ରହିଛି। ବିଶେଷକରି ଅଁଳା ନବମୀ ଅବସରରେ ଏଠାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଅଖଣ୍ଡ ନାମଯଜ୍ଞ ଓ ପୂଜାର୍ଚ୍ଚନା ସହିତ ୭ ହଜାର ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଜନସାଧାରଣ ଏକାଠି ହୋଇ ପ୍ରସାଦ ସେବନ କରିଥାନ୍ତି କ୍ଷ ତେବେ ମା' ମଙ୍ଗଳା ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଚଳିଥିବା ପ୍ରକଳ୍ପ କାର୍ଯ୍ୟ ଏବେ ଏହି ପୀଠର ଅସ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକଳ୍ପ କାର୍ଯ୍ୟ ପରିସରରେ ଉକ୍ତ ଅଁଳା ପୀଠର ବେଢ଼ା ଆସୁଥିବାରୁ



ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ପୀଠର ତତ୍ତ୍ୱାବଧାରକଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ବିରୋଧ ଦେଖାଦେଇଛି । ଗ୍ରାମବାସୀଙ୍କ ମତରେ, ଉନ୍ନତିକରଣ ନିଷିତ ଭାବେ ସ୍ୱାଗତଯୋଗ୍ୟ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଦୀର୍ଘ ପାଞ୍ଚ ଦଶନ୍ଧିର ଧାର୍ମିକ ପରମ୍ପରା ଓ ଜନଆସ୍ଥା ସହ ଜଡ଼ିତ ଏକ ପୀଠର ଅସ୍ତିତ୍ୱକୁ ବିଲୁପ୍ତ କରିଦିଆଯିବ। ବିକାଶ ଓ ଐତିହ୍ୟ ପରସ୍ପରର ପରିପୂରକ ହେବା ଉଚିତ। ତେଣୁ ଅଁଳା ପୀଠର ବେଢ଼ାକୁ ଅକ୍ଷୁଣ୍ଣ ରଖି ବିକଳ୍ପ ଯୋଜନା ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବାକୁ ତତ୍ତ୍ୱାବଧାରକ ମଙ୍ଗଳା ପ୍ରସାଦ ନାୟକ ଙ୍କ ସହିତ ଗ୍ରାମବାସୀ ମାନେ ଦୃଢ଼ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଜନସାଧାରଣଙ୍କ ଭାବାବେଗକୁ ଗୁରୁତ୍ୱ ଦେବା ସହ ଅଁଳା ପୀଠର ଐତିହାସିକ ଓ ଧାର୍ମିକ ମହତ୍ତ୍ୱକୁ ବିଚାରକୁ ନେବା ଆବଶ୍ୟକ। ଅଁଳା ଗଛର ସୁରକ୍ଷା, ପୀଠର ସଂରକ୍ଷଣ ଏବଂ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଗଲେ ଏକପଟେ ବିକାଶର ଲକ୍ଷ୍ୟ ପୂରଣ ହୋଇପାରିବ, ଅନ୍ୟପଟେ ଦୀର୍ଘ ୬୧ ବର୍ଷର ଧାର୍ମିକ ପରମ୍ପରା ମଧ୍ୟ ସୁରକ୍ଷିତ ରହିପାରିବ। ଏବେ ଏହି ପୀଠର ଭବିଷ୍ୟତ କେଉଁ ଦିଗକୁ ଗତି କରୁଛି, ତାହା ଉପରେ ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀଙ୍କ ନଜର ରହିଛି।

୬୬୯ ଜଣଙ୍କୁ ୨ ମାସର ନୂଆ ଭତ୍ତା ବିତରଣ
ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ : ସାଂସଦ

ଡେଲାଙ୍ଗ,୧୮।୧୧ (ନି.ପ୍ର) : ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ ମୋଟାରୀ ପଂଚାୟତର ବିଶ୍ୱନାଥ ପାହାଡ ନିକଟସ୍ଥ ପଡିଆଠାରେ ଅନୁଷ୍ଠିତ ସମାବେଶରେ ନୂତନ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବିତରଣ କରାଯାଇଛି। ପୁରା ଲୋକ ସଭା ସାଂସଦ ଡା.ସମିତ୍ ପାତ୍ର ଓ ସ୍ଥାନୀୟ ବିଧାୟକ ଅଶ୍ରିତ ପଟ୍ଟନାୟକ ଯୋଗଦେଇ ୬୬୯ ଜଣଙ୍କୁ ନୂତନ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିଥିଲେ । ତତସହିତ ପେନସନ୍ ପରିଚାଳନା ପୋର୍ଟାଲ, ମଧୁବାବୁ ପେନ୍?ସନ୍ ଯୋଜନାର ଲକ୍ଷ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ ଦିନରେ ଦଳମତ ନିର୍ବିଶେଷରେ ସମସ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ପକ୍କା ଘର ପ୍ରଦାନ କରାଯିବ ବୋଲି ସାଂସଦ ଡା. ପାତ୍ର ଆଶ୍ୱାସନା ଦେଇଛନ୍ତି । ବୁଧବାର ଅନୁଷ୍ଠିତ ଭତ୍ତା



ବିତରଣ ସମାବେଶରେ ୧୫ ଓ ୧୬ ନମ୍ବର ଜୋନ ଅନ୍ତର୍ଭୁକ୍ତ ମୋଟ ୧୧ ପଞ୍ଚାୟତରୁ ୬୬୯ ଜଣ ହିତାଧିକାରୀଙ୍କୁ ଅକ୍ଟୋବର ଓ ନଭେମ୍ବର ୨ ମାସ ପାଇଁ ୨ ହଜାର ଟଙ୍କା ଲେଖାଏଁ ଭତ୍ତା ବିତରଣ କରାଯାଇଥିଲା ଛଡ଼ାଏହି ସାମାବେଶରେ ବ୍ଲକ ଉନ୍ନୟନ ଅଧିକାରୀ ସମୀର ବେହେରା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସାମାଜିକ ସୁରକ୍ଷା ଭତ୍ତା ମଂଜୁର କ୍ଷେତ୍ରରେ ସରକାରଙ୍କ ଲୋକାଭିମୁଖୀ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ପୂର୍ଣ୍ଣିମା ବେହେରା, ଆମ୍ବା ଅଧକ୍ଷ ଲତୁ କିଶୋର ରାୟ ,ଶ୍ରୀ?ତ କୁମାର ନାୟକ, ରାଜ୍ୟ ବିଜେପି ସମ୍ପାଦକ ବିଷ୍ଣୁଦତ୍ତ ବଡଜେନା ,ମହିଳା ମୋର୍ଚ୍ଚାର ସାଗରିକା ବଡଜେନା , ବବଲି କୋଦମା ସିଂହ ପ୍ରମୁଖଙ୍କ ସହ ବିଭିନ୍ନ ପଂଚାୟତ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

ହାପି କ୍ଲବ ପକ୍ଷରୁ ଅଷ୍ଟମ ପ୍ରହର ଓ ନାମଯଜ୍ଞ



କଟକ, ୧୮।୧୧ (ନି.ପ୍ର) : ମଧୁପାଟଣା ସମ୍ରାଟ ହଲସ୍ଥିତ ସାହୁ ଲେନ୍ଠାରେ ହାପି କ୍ଲବ ପକ୍ଷରୁ ଅଷ୍ଟମ ପ୍ରହର ଓ ନାମଯଜ୍ଞ ଶ୍ରଦ୍ଧା ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଳସ ଯାତ୍ରା, ନାମଯଜ୍ଞ ଓ ନଗର କୀର୍ତନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇ ଶ୍ରୀ ରାମକୃଷ୍ଣଙ୍କ ନାମସଂକୀର୍ତନରେ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ । ଏହି ଧାର୍ମିକ କାର୍ଯ୍ୟକ୍ରମରେ କୁବର ସଭାପତି ଜ୍ଞାନରଞ୍ଜନ ଫାରକ, ସମ୍ପାଦକ ରଶ୍ମିରଞ୍ଜନ ସାହୁ, କୋଷାଧକ୍ଷ ବବୁଲ ଶର୍ମା, ସମାଜସେବୀ ଦୀପକ କୁମାର ନାୟକ, ଆଶୁତୋଷ ମିଶ୍ର ଓ ଅକ୍ଷୟ ରାଉତଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ସହ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ : ଅଭିଯୁକ୍ତ ଗିରଫ

କୁକୁଡ଼ାଖଣ୍ଡି,୧୮/୧୧ (ନି.ପ୍ର) : ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ୨୩ ବର୍ଷୀୟା ଯୁବତୀଙ୍କ ସହ ଦୀର୍ଘ ୭ବର୍ଷ ଧରି ଶାରୀରିକ ସମ୍ପର୍କ ରଖିବା ସହ ବିଭିନ୍ନ ସମୟରେ ଯୁବତୀଙ୍କଠାରୁ ନଗଦ ଓ ଫୋନ୍ ପେ ମାଧ୍ୟମରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଦିଗପହଣ୍ଡି ଥାନା ଅନ୍ତ

dishamanthan.com RNI No. ORIORI/26

ଅମୃତ ଭାରତ ଷ୍ଟେସନ ଯୋଜନାରେ ମଞ୍ଜେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶ

ଆଧୁନିକ ଯାତ୍ରୀ ସୁବିଧା ସହ ଷ୍ଟେସନକୁ ମିଳିଛି ନୂତନ ରୂପ

ଭୁବନେଶ୍ୱର,୧୮।୧୧(ନି.ପ୍ର.): ଓଡ଼ିଶାର ମଞ୍ଜେଶ୍ୱର ରେଳ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ନୂତନ ରୂପ ପ୍ରଦାନ କରାଯାଇଛି। ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ଯାତ୍ରୀ ଅନୁକୂଳ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁରୂପ ବିକଶିତ କରିବା ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାକୁ ଏହି ପୁନର୍ବିକାଶ ପ୍ରତିଫଳିତ କରୁଛି।

ପ୍ରାୟ ୧୫.୪୯ କୋଟି ଟଙ୍କା ବ୍ୟୟ ଅଟକଳରେ ପୁନର୍ବିକଶିତ ଏହି ଷ୍ଟେସନରେ ଯାତ୍ରୀମାନଙ୍କ ସୁବିଧା, ଆରାମ ଓ ସହଜ ଯାତାୟାତ ପାଇଁ ବିଭିନ୍ନ ଉନ୍ନତ ସୁବିଧା ଉପଲବ୍ଧ କରାଯାଇଛି। ଯାତ୍ରୀମାନଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଷ୍ଟେସନର ଭିତ୍ତିଭୂମିରେ ଉନ୍ନତି ଅଣାଯାଇଛି।

ଷ୍ଟେସନରେ ୭୬୦ ବର୍ଗ ମିଟର ପରିମିତ ଏକ ନୂତନ ଷ୍ଟେସନ ଭବନ ନିର୍ମାଣ କରାଯାଇଥିବାବେଳେ ୪,୪୪୯ ବର୍ଗ ମିଟର ପରିମିତ ଅଞ୍ଚଳରେ ସର୍କୁଲେଟିଂ ଏରିଆର ଉନ୍ନତିକରଣ କରାଯାଇଛି। ଏଥିସହିତ ଯାନବାହନ ଚଳାଚଳକୁ ସୁଗମ କରିବା ଏବଂ ଷ୍ଟେସନକୁ ଯାତ୍ରୀମାନଙ୍କ ସହଜ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ଆପ୍ରୋଚ୍ ରୋଡ୍ ଓ ପାର୍କିଂ ବ୍ୟବସ୍ଥାର ମଧ୍ୟ ବିକାଶ କରାଯାଇଛି।ଷ୍ଟେସନର ପ୍ରମୁଖ ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ପ୍ରାୟ ୨୦,୭୦୦ ବର୍ଗ ମିଟର ପରିମିତ ପ୍ଲାଟଫର୍ମର ନୂତନ ଫ୍ଲୋରିଂ ଏବଂ ୪୫ଟି ବେ ସମ୍ବଳିତ ପ୍ଲାଟଫର୍ମ ସେଲ୍ଟର ନିର୍ମାଣ ଅନ୍ତର୍ଭୁକ୍ତ। ଏହା ଯାତ୍ରୀମାନଙ୍କୁ ଖରା ଓ ବର୍ଷାରୁ ସୁରକ୍ଷା ସହିତ ଅଧିକ ସୁବିଧା ପ୍ରଦାନ କରିବ। ଏଥିସହିତ ନୂତନ ଷ୍ଟେସନ ଭବନକୁ ସଂଯୋଗ କରୁଥିବା ସ୍କାଏୱାକ୍ ସମେତ ଆଧୁନିକ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି, ଯାହା ଷ୍ଟେସନ ମଧ୍ୟରେ ଯାତ୍ରୀଙ୍କ ଯାତାୟାତକୁ ସୁଗମ କରିବ।ଯାତ୍ରୀ ସୁବିଧାକୁ ଆହୁରି ବୃଦ୍ଧି କରିବା ପାଇଁ ୧୨୦ ବର୍ଗ ମିଟର ପରିମିତ ଏକ ପ୍ରତୀକ୍ଷାଳୟ, ୧୧୮ ବର୍ଗ ମିଟର ପରିମିତ ଆଧୁନିକ ଶୌଚାଳୟ, ଏକ ନୂତନ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା କାଉଣ୍ଟର ଏବଂ ଉନ୍ନତ ଜନକୋର୍ସ ଅଞ୍ଚଳ ବିକଶିତ କରାଯାଇଛି। ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କ ସୁବିଧା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଷ୍ଟେସନରେ ମାନକ ରାମ୍ପ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ନିମ୍ନ ଉଚ୍ଚତା ବିଶିଷ୍ଟ ଟିକେଟ୍ କାଉଣ୍ଟର, ସହାୟତା କେନ୍ଦ୍ର, ଦିବ୍ୟାଙ୍ଗଜନ ଅନୁକୂଳ ଶୌଚାଳୟ ଓ ଜଳ କେନ୍ଦ୍ର, ଟାକ୍ଟାଇଲ୍ ପାଥୱେ, ସୁଗମ ଯାତାୟାତ ମାର୍ଗ, ଉନ୍ନତ ଆଲୋକୀକରଣ ଏବଂ ଖସି ନ ଯିବା ଭଳି ସ୍ୱତନ୍ତ୍ର ଚଟାଣ ବ୍ୟବସ୍ଥା କରାଯାଇଛି।



ଯାତ୍ରୀମାନଙ୍କୁ ଉନ୍ନତ ସୂଚନା ଓ ମାର୍ଗଦର୍ଶନ ପ୍ରଦାନ ପାଇଁ ଷ୍ଟେସନରେ ଉନ୍ନତ ସାଇନେଜ୍, କୋଚ୍ ଓ ଟ୍ରେନ୍ ସୂଚନା ବୋର୍ଡ ଏବଂ ଉନ୍ନତ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ମୋବାଇଲ୍ ଓ ଲାପଟପ୍ ଚାର୍ଜିଂ ପଏଣ୍ଟ, ପ୍ଲାଟଫର୍ମରେ ପଙ୍ଖା, ଡଷ୍ଟବିନ୍, ଜଳ ଟ୍ୟାପ୍, ୱାଟର କୁଲର ଏବଂ ଆର୍.ଓ. ସୁବିଧା ମଧ୍ୟ ଉପଲବ୍ଧ କରାଯାଇଛି।ଷ୍ଟେସନର ଉନ୍ନତ ଭିତ୍ତିଭୂମି ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି କରିବା ସହିତ ଭୁବନେଶ୍ୱର ଅଞ୍ଚଳର ବର୍ଦ୍ଧିତ ପରିବହନ ଆବଶ୍ୟକତା ପୂରଣରେ ମଞ୍ଜ ?ଶ୍ୱର ରେଳ ଷ୍ଟେସନର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଅମୃତ ଭାରତ ଷ୍ଟେସନ ଯୋଜନା ମାଧ୍ୟମରେ ଭାରତୀୟ ରେଳବାଇ ବିଭିନ୍ନ ରେଳ ଷ୍ଟେସନକୁ ଆଧୁନିକ ସୁବିଧା ଓ ଉନ୍ନତ ଯାତ୍ରୀ ସେବା ସହିତ ନୂତନ ରୂପ ପ୍ରଦାନ କରୁଛି। ଏହାଦ୍ୱାରା ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁବିଧା ଓ ସୁଗମ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ ହେବା ସହିତ ସମ୍ପୃକ୍ତ ଅଞ୍ଚଳର ସାମଗ୍ରିକ ବିକାଶକୁ ମଧ୍ୟ ଗତି ମିଳୁଛି।

ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ମହାସମାରୋହ

ରାଜଗାଙ୍ଗପୁର, ୧୮।୧୧:: ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ, ସୁନ୍ଦରଗଡ଼ ଜିଲ୍ଲା ଶାଖା ତରଫରୁ ଆଜି (ନଭେମ୍ବର ୧୫, ରବିବାର) ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ମହାସମାରୋହ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ରାଜଗାଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷ ଠାରେ ଏହି ଭବ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ



ଭଗବାନ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବେ ରାୟଗଡ଼ା ଉଓରଞ୍ଚ ପ୍ରିନ୍ସିପାଲ ଶରତ ଚନ୍ଦ୍ର ସେଠ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବିଶେଷ ଅତିଥି ଭାବେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ ଏବଂ ରାଜଗାଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ବାଗ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା ଏବଂ ବଣ୍ଡେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡ, ନୂଆଗାଁ ବି ଇ ଓ ସାଲାଗେମୁନି ଟୁଡୁ, ଲହୁଣୀପଡ଼ା ଏ ବି ଇ ଓ ନରହରୀ କିସାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। ପରଷଦର ସମ୍ପାଦକ ଧରଣୀ ଧର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ, ପରଷଦ ର କୋଷାଧକ୍ଷ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିଲେ। ସଦସ୍ୟ ପବିତ୍ର ପାତ୍ର, ପାନୁ ଲାକ୍ରା, ତ୍ୱାନି ମଲ୍ଲିକ, ବିମଳା ପାତ୍ର, ସୁଶୀଲ ବଡ଼ ?କ, ନବୀନ ଲାକ୍ରାଙ୍କ ସମେତ ଓ ବହୁ ସଂଖ୍ୟାରେ ଜନସାଧାରଣ ସପରିବାର ଯୋଗଦାନ କରି ଏହି ମହାସମାରୋହକୁ ସଫଳ କରିଥିଲେ

ବିଭାଗୀୟ ଅଧିକାରିଙ୍କ ନିର୍ଦ୍ଦେଶର ଅବମାନନା।

ସୁନାବେଡ଼ା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା କ୍ଷେତ୍ରରେ ଅବହେଳା ଓ ସମସ୍ୟା

କୋରାପୁଟ: ୧୮/୧୧ – (ନିପ୍ର) – ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର କାର୍ଯ୍ୟଶୈଳୀକୁ ନେଇ ଉଦ୍ ?ବେଗ ବୃଦ୍ଧି ପାଇଛି। ଏଠାରେ ଅବହେଳା, ପ୍ରଶାସନିକ ଶୃଙ୍ଖଳାହୀନତା ଏବଂ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି।

ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀମାନେ ସମୟାନୁସାରେ ଚିକିତ୍ସା ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଗୀମାନେ କିଛି କର୍ମଚାରି ଓ ଅଧିକାରିଙ୍କ ଅବହେଳାକୁ ନେଇ ଚିକିତ୍ସା ସେବାରେ ବଞ୍ଚିତ ହୋଇ ଆସୁଛନ୍ତି ! ଡାକ୍ତର ରୋଗୀସେବା କରୁଛନ୍ତି କିନ୍ତୁ କିଛି କର୍ମଚାରି ଡାକ୍ତରଙ୍କ ରୋଗକୁ ନେଇ ରକ୍ତ ନମୂନା ପରିକ୍ଷା କରିବା ନେଇ ଘଣ୍ଟା ଘଣ୍ଟା ଅପେକ୍ଷା କରି ଶେଷରେ ନିରାସ୍ ହୋଇ ଫେରୁଛନ୍ତି ! ଯେହେତୁ ଅଧିକାରିଙ୍କ ଅନୁପସ୍ଥିତି ସମସ୍ୟା ସୃଷ୍ଟି କରୁଛି ! ଯାହାକୁ ନେଇ ରୋଗୀମାନେ ଦୃଦ୍ଦଶା ଭୋଗୁଛନ୍ତି !ଏହା ସ୍ୱାସ୍ଥ୍ୟସେବାର ଗୁଣବତ୍ତା ଏବଂ ଚିକିତ୍ସା କର୍ମଚାରୀଙ୍କ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠାଉଛି। ଏକ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରୁ ଆଶା କରାଯାଏ ଯେ, ଏହା ତୁରନ୍ତ, ସମ୍ବେଦନଶୀଳ ଏବଂ ଉତ୍ତରଦାୟିତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇବ, ବିଶେଷକରି ଗରିବ ଓ ଅସହାୟ ରୋଗୀମାନଙ୍କ ପାଇଁ। ବିଶେଷ କରି କିଛି ଏଜେନ୍ସିକୃତ ବାହ୍ୟ କର୍ମଚାରି ପ୍ରାୟ ସବୁ ସମୟରେ କାର୍ଯ୍ୟରେ ଆସିବା ବିଳମ୍ବକୁ ନେଇ ରୋଗୀ ହନ୍ତ ସନ୍ତ ଓ ପରିସରରେ ଇନଚାର୍ଜଙ୍କ ଉପସ୍ଥିତ କୁ ନେଇ ନାନା ସମସ୍ୟା ଉପୁଜିବାରେ ଲାଗିଛି ! କିଛି ସମସ୍ୟା ନେଇ ମେଡିକାଲ ଇନଚାର୍ଜକୁ ସରକାରି ଫୋନ ନମ୍ବରକୁ କଲ୍ କଲେ ମଧ୍ୟ କର୍ଯ୍ୟରତ ସମୟରେ ସେ ଉଠାଉ ନାହାନ୍ତି ! ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଙ୍କ ନିର୍ଦ୍ଦେଶାବଳୀକୁ କେନ୍ଦ୍ରର ଜଣେ କର୍ମଚାରି ଙ୍କୁ ଫୋନ ବାକ୍ୟାଳପରେ ଉଚ୍ଚାସ୍ତରରେ ଭାଷା ପ୍ରୟୋଗ କରିବା ଚିକିତ୍ସା ଅଧିକାରୀ ସମୟାନୁବର୍ତ୍ତି ନ ହେବା ଏକାଧିକ ସମୟ ଅନୁପସ୍ଥିତ ରହିବା ନେଇ ଅଭିଯୋଗ ହୋଇଛି, ଯାହା ପ୍ରଶାସନିକ ଶୃଙ୍ଖଳାକୁ ନେଇ ଗମ୍ଭୀର ଚିନ୍ତା ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣ ସର୍ବଦା ଚିକିତ୍ସା ସେବା କ୍ଷେତ୍ରରେ ହଇରାଣ ହେଉଛନ୍ତି। ଲୋକମାନେ ପ୍ରଶ୍ନ କରୁଛନ୍ତି ଯେ, ରୋଗୀମାନେ କାହିଁକି ଉପଯୁକ୍ତ ଚିକିତ୍ସା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ? ସିଡିଏମ୍ ଙ୍କ ନିର୍ଦ୍ଦେଶକୁ କ'ଣ ଜାଣିଶୁଣି ଅଣଦେଖା କରାଯାଇଥିଲା ? ସମ୍ପୃକ୍ତ ଚିକିତ୍ସା କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ନିଶ୍ଚିତ କରିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ? ଯଦି ରୋଗୀମାନେ ଏହିପରି ସେବାରେ ବଞ୍ଚିତ୍ ହେବେ ତାହା ହେଲେ ଅବହେଳା କରୁଥିବା ଅଧିକାରି ଓ କର୍ମଚାରିମାନଙ୍କୁ ଅନ୍ୟତ୍ର ବଦଳି କରି ଅନ୍ୟମାନଙ୍କୁ ସେବା କରିବାରେ ସୁଯୋଗ ଦିଆଯାଉ ବୋଲି ଦାବି ହୋଇଛି !

ବାତ୍ୟା ମୁକାବିଲା ପାଇଁ ବିଇଏମସି କମିଶନରଙ୍କ ପ୍ରସ୍ତୁତି ବୈଠକ



ବ୍ରହ୍ମପୁର,୧୬।୧୧(ମନ୍ଥନ): ବ୍ରହ୍ମପୁର ମହାନଗର ନିଗମ ସନ୍ନିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ସମ୍ଭାବ୍ୟ ବର୍ଷା ଓ ଆକାବାନ୍ ବାତ୍ୟାର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଛି । ନିଗମ କମିଶନର ଶ୍ରୀମତୀ ଏ ସସ୍ୟ ରେଡ୍ଡୀ, ଡେପୁଟି ମେୟର ଶ୍ରୀ ଇ.ବିବେକ ରେଡ୍ଡୀ, କର୍ପୋରେଟର ଗଣ, ବିଧାୟକ ପ୍ରତିନିଧି, ନିଗମର ସମସ୍ତ ଅଫିସର ଓ ଇଞ୍ଜିନିୟର, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏ ବାବଦରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ପ୍ରତ୍ୟକ୍ଷ ଭାବେ ଅନୁପସ୍ଥିତ ନେଇ ମେୟର ଶ୍ରୀମତୀ ସଙ୍ଗମିତ୍ରା ଦଳେଇ ଭିଡିଓ କଲ୍ ମାଧ୍ୟମରେ ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେଇ ସାମୂହିକ ଉଦ୍ୟମରେ ବିପର୍ଯ୍ୟୟର ସଫଳ ମୁକାବିଲା କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ନିଗମ କାର୍ଯ୍ୟାଳୟରେ ୧୮ ନଭେମ୍ବର ସକାଳ ଠାରୁ ଏକ ଚବିଶ ଘଣ୍ଟିଆ କଣ୍ଟ୍ରୋଲ ରୁମ କାମ କରିବ ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ସମୁଦାୟ ୨୪ଟି ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଚିହ୍ନଟ କରାଯିବା ସହ ସେଗୁଡିକର ସୁପରିଚାଳନା ପାଇଁ ସେଠାରେ ଚବିଶ ଘଣ୍ଟିଆ ଦାୟିତ୍ୱ ନିର୍ବାହ ସକାଶେ କର୍ମଚାରୀ ନିୟୋଜିତ କରାଯିବ । କଚ୍ଚାଘର ଏବଂ ତଳିଆ ଅଞ୍ଚଳରୁ ଲୋକ ମାନଙ୍କୁ ସ୍ଥାନାନ୍ତର କରି ସେହି ଆଶ୍ରୟ ସ୍ଥଳୀ ଗୁଡ଼ିକରେ ରଖାଯିବ। ଡ୍ରେନେଜ ବିଭାଗର ଅଧିକାରୀଙ୍କ ସହ ସମନ୍ୱୟ ରଖି ବାହାନା ନାଳ ଓ ସାପୁଆ ନାଳ ପାର୍ଶ୍ୱବର୍ତ୍ତୀ ଜବର ଦଖଲକୁ ଯୁଦ୍ଧକାଳୀନ ଭିତ୍ତିରେ ହଟାଇ ଜଳ ନିଷ୍କାସନ ସହଜ କରିବାକୁ ନିଷ୍ପତ୍ତି ହୋଇଛି । ଏବେ ବି କେତେକ ଗଛ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ନିଗମ ଅଧିକାରୀ, ଟାଟା ପାୱାର ସଂସ୍ଥା, ଅଗ୍ନିଶମ ବିଭାଗ ଆପୋଷ ବୁଝାମଣା ଭିତ୍ତିରେ ସ୍ଥାନୀୟ କୁଶଳୀ ଶ୍ରମିକଙ୍କ ସହଯୋଗରେ ସେହି ଗଛ ଗୁଡିକର ଡାଳ ଆଗୁଆ କାଟିବାକୁ ସ୍ଥିର ହୋଇଛି । ଜଳବନ୍ଦୀ ପ୍ରବଣ ଅଞ୍ଚଳରେ ପୂର୍ବରୁ ବ୍ୟାପକ ନାଳ ସଫା କରାଯାଇ ଥିଲେ, ମଧ୍ୟ ସେହି ଅଞ୍ଚଳ ଗୁଡିକ ପ୍ରତି ବିଶେଷ ଦୃଷ୍ଟି ଦେଇ ନାଳ ସଫା ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ସେପ୍ଟେମ୍ବର ଏବଂ ଅକ୍ଟୋବର ବର୍ଷାର ଅନୁଭବକୁ ମନରେ ରଖି ଉଭୟ କର୍ମଚାରୀ ଏବଂ ଯନ୍ତ୍ରପାତି ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ମାନଙ୍କରେ ପ୍ରସ୍ତୁତ କରି ରଖିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଜନ ସାଧାରଣ ଅଯଥା ଆତଙ୍କିତ ନ ହୋଇ, ଗୁଜବରେ ବିଶ୍ୱାସ ନ କରି ନିଜ ଅଞ୍ଚଳର ସମସ୍ୟାକୁ ମହାନଗର ନିଗମର କଣ୍ଟ୍ରୋଲ ରୁମ ନମ୍ବର ୭୬୦୮୮୮୦୪୮୦ ରେ ଯୋଗାଯୋଗ କରି ଜଣାଇବା ପାଇଁ ମହାନଗର ନିଗମ ପକ୍ଷରୁ ନିବେଦନ କରାଯାଇଛି । ଅର୍ଣ୍ଣବ ବାତ୍ୟାରେ ପ୍ରଭାବିତ ପରିବାର ଗୁଡିକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ ପ୍ରଦାନ କାର୍ଯ୍ୟକ୍ରମ ଯେପରି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ମଧ୍ୟ ଧ୍ୟାନ ଦେବାକୁ ମାନନୀୟ କମିଶନର ଏ ଶସ୍ୟା ରେଡ୍ଡୀ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବ୍ରାଉନସୁଗାର ସହ ବାଇକ୍ ଓ ଦେଶୀମଦ ଜବତ

ଜଗତସିଂହପୁର,୧୭।୧୧: ଜଗତସିଂହପୁର ଥାନା ଅନ୍ତର୍ଗତ ଅତାମଳ ଗ୍ରାମରୁ ଜଣେ ନିଶା ମାଫିଆଙ୍କୁ କାବୁ କରିଛି ଜଗତସିଂହପୁର ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୨୩ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ଜଗତସିଂହପୁର ଥାନା ଅତାମଳ ଗ୍ରାମର ସୋମନାଥ ଦାସଙ୍କ ପୁଅ ପଦ୍ମ ଲୋଚନ ଦାସ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା। ଏକ ଗୁଇନ୍ଦା ସୂତ୍ରକୁ ଆଧାର କରି ତାଙ୍କୁ ଧରିବା ପାଇଁ ଜଗତସିଂହପୁର ଅବକାରୀ ଥାନାର ସବ- ଇନ୍ସପେକ୍ଟର ସନ୍ଦୀପ ପାଢୀଙ୍କ ନେତୃତ୍ୱରେ ଜଗତସିଂହପୁର ଅବକାରୀ ଥାନା ଓ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଷ୍ଟାପମାନଙ୍କୁ ନେଇ ଏକ ଟିମ ଗଠନ କରି ଅତାମଳ ଗ୍ରାମ ଠାରେ ଛଦ୍ମ ବେଶରେ ଜଗି ରହିଥିଲେ। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ଅଭିଯୁକ୍ତ ଜଣକ ହେରୋଇନ୍ ଆଣି ଅତାମଳ ଛକରେ ପହଞ୍ଚିବାକ୍ଷଣି ପୂର୍ବରୁ ଛକି ରହିଥିବା ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୨୩ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିଲା ଯାହାର ଆନୁମାନିକ କଳାବଜାରୀ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ହେବାର ଶ୍ରୀ ପାଢ଼ୀ ଗଣମାଧ୍ୟମ କୁ କହିଛନ୍ତି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ଜଗତସିଂହପୁର ଅବକାରୀ ଥାନାର କେସ୍ ନଂ – ୧୧୯ ?୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ କୁ ପଠାଯାଇଛି। ସେହିପରି ଅନ୍ୟ ଏକ ଘଟଣାକ୍ରମେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଏ ଏସ୍ ଆଇ କ୍ଷୀରୋଦ କୁମାର ସାହୁ ଷ୍ଟାପ ମାନଙ୍କ ସହ ଆଜି ସକାଳେ ବିରିଡି ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ବିରିଡି ଥାନା ତେନ୍ତୁଳିଆ ଗ୍ରାମର ଶୁଶାନ୍ତ କୁମାର ଖଟେଇ (୪୮) ଏକ ହୋଣ୍ଡା ଆକ୍ଟିଭା ସ୍କୁଟି (ଓଡି-୨୧-ଏସ୍-୩୫୧୨) ରେ ଦେଶୀମଦ ନେଇ ବିକ୍ରି କରିବା ଉଦ୍ଦେଶ୍ୟରେ ଯାଉଥିବାବେଳେ ତେନ୍ତୁଳିଆ ଗ୍ରାମ ରାସ୍ତାରେ ତାଙ୍କୁ ଅଟକାଇଥିଲେ।

ସାମ୍ବାଦିକଙ୍କ ବିୟୋଗ

ବଡ଼ଚଣା,୧୮।୧୧(ନି.ପ୍ର): ଆଜି ଭୋରରୁ ଶୌଚ ହେବାକୁ ଯାଇ ପାଣିରେ ବୁଡି ଛତିଆ ଅଞ୍ଚଳର ଜଣାଶୁଣା ଯୁବ ସାମ୍ବାଦିକଙ୍କ ସୌମ୍ୟ ରଞ୍ଜନ ସାହୁ ଙ୍କ ଅକାଳ ବିୟୋଗ ଘଟିଛି। ସୂଚନା ଅନୁସାରେ ବଡ଼ଚଣା ବ୍ଲକ ଛତିଆ ପାଟଣା ଗ୍ରାମର ଯୁବ ସାମ୍ବାଦିକ ସୌମ୍ୟରଞ୍ଜନ ସାହୁ(ମଣିଆ) ଶୌଚ ହେବାକୁ ଗାଁ ନିକଟରେ ଥିବା ଏକ ପୋଖରୀକୁ ଯାଇଥିଲେ । ଶୌଚ ହେବା ସମୟରେ ପାହାଚରୁ ତାଙ୍କର ଗୋଡ଼ ଖସି ଯାଇ ପାଣିରେ ବୁଡିଯାଇ ଥିବା ସୂଚନା। ପରିବାର ପକ୍ଷରୁ ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ତୁରନ୍ତ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁବ ସାମ୍ବାଦିକ ସୌମ୍ୟରଞ୍ଜନଙ୍କ ଏପରି ଦୁଃଖଦ ନିଧନ ରେ ଛତିଆ ଅଞ୍ଚଳରେ ଦୁଃଖର ଛାୟା ଖ